ବର୍ଷ-୨୪, ସଂଖ୍ୟା-୨୬୩
ଭୁବନେଶ୍ୱର
୨୬ ଅକ୍ଟୋବର, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 263
Bhubaneswar
26 October, 2024 Saturday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ସାଣ୍ଟେନରଙ୍କ ଘାତକ ବୋଲିଂ

୧.୭୫ ଲକ୍ଷ ଏକର ଫସଲ ନଷ୍ଟ

- ବାତ୍ୟା ପରିସ୍ଥିତି ଓ ପୁନରୁଦ୍ଧାର କାମର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ବାତ୍ୟା ଆଶ୍ରୟସ୍ଥଳୀରେ ରହିଛନ୍ତି ୮ ଲକ୍ଷ ଲୋକ
- ୭ ଦିନ ପର୍ଯ୍ୟନ୍ତ ଆଶ୍ରୟ ସ୍ଥଳୀରେ ରହିପାରିବେ
- ଆଜି ଅପରାହ୍ନ ପୂର୍ବରୁ ସରିବ ବିଦ୍ୟୁତ କାମ

ଭୁବନେଶ୍ୱର,୨୫।୧୦(ମହାଭାରତ): ସାମୁଦ୍ରିକ ବାତ୍ୟା ଦାନା ଯୋଗୁଁ ଅନେକ କ୍ଷୟକ୍ଷତି ହୋଇଛି । କୃଷିକ୍ଷେତ୍ରକୁ ବାତ୍ୟା ପ୍ରଭାବିତ କରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ପ୍ରାଥମିକ ଅ।କଳନ ଅନୁସାରେ ବାତ୍ୟା ଯୋଗୁଁ ୧,୭୫,୦୦୦ ଏକର ଫସଲ କ୍ଷୟକ୍ଷତି ହୋଇଛି । ସଂପୂର୍ଣ୍ଣ ତଥ୍ୟ ମିଳିବା ପରେ କୃଷିକ୍ଷେତ୍ରକୁ କେତେ କ୍ଷୟକ୍ଷତି ହୋଇଛି ତାହା ଜଣାପଡ଼ିବ ଏବଂ କ୍ଷତିପୂରଣ ବାବଦରେ ନିଷ୍ପତ୍ତି ନିଅ।ଯିବ । ବାତ୍ୟା ଦାନାର ପ୍ରକୋପ ଲାଗି ରହିଥିବାବେଳେ ଏହି ସମୟରେ ମୋଟ ୨୨୦୦ଜଣ ଶିଶୁ ଜନ୍ମ ନେଇଛନ୍ତି । ଅ।ଉ ସେମାନଙ୍କ ମଧ୍ୟରେ ଯାଆଁଳା ଶିଶୁଙ୍କୁ ଜନ୍ମ ଦେଇଛନ୍ତି ୧୮ଜଣ ମା । ବାତ୍ୟା ଦାନା ଯୋଗୁ ମୋଟ ୮ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା । ମହାପ୍ରଭୁଙ୍କ ଆଶୀର୍ବାଦ ଓ ଜନସାଧାରଣଙ୍କ ସହଯୋଗ ପାଇଁ ଅ।ମେ ବାତ୍ୟା ମୁକାବିଲାରେ ସଫଳ ହୋଇଛୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ସ୍ୱତନ୍ତ୍ର ରିଲିଫ କମିସନର (ଏସ୍ଆ।ରସି)ଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ବାତ୍ୟା ଆଶ୍ରୟସ୍ଥଳୀରେ ପାଖାପାଖି ୮ ଲକ୍ଷ ଲୋକଙ୍କୁ ରଖାଯାଇଛି । ଆମେ ଲୋକଙ୍କୁ ସଫଳତାର ସହିତ ଉଦ୍ଧାର କରି ବାତ୍ୟା ଅ।ଶ୍ରୟସ୍ଥଳୀରେ ରଖିଥିଲୁ । ଯେଉଁମାନେ ବାତ୍ୟା ଅ।ଶ୍ରୟସ୍ଥଳୀରେ ଅଛନ୍ତି, ସେମାନେ ଆଜି ପର୍ଯ୍ୟନ୍ତ ସେଠାରେ ସୁରକ୍ଷିତ ଅଛନ୍ତି ।କିଛି ଲୋକ ଅନୁମତି କ୍ରମେ ଘରକୁ ଯାଇଛନ୍ତି । ସମସ୍ତ ବିଭାଗ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି କର୍ମଚାରୀମାନେ ପ୍ରଶଂସନୀୟ କାମ କରିଛନ୍ତି ।

କିନ୍ତୁ ସମ୍ପୂର୍ଣ୍ଣ ତଥ୍ୟ ମିଳିବା ପରେ ପ୍ରକୃତ କ୍ଷୟକ୍ଷତି ଜଣାପଡ଼ିବ ଓ ସରକାର ସହାୟତା ଯୋଗାଇଦେବେ । ବାତ୍ୟାରେ ଯେଉଁମାନଙ୍କର ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି ଅବା ଅ।ଂଶିକ ନଷ୍ଟ ହୋଇଛି ତାର ଗ୍ରାଉଣ୍ଡ ସର୍ଭେ ରିପୋର୍ଟ ଆସିବା ପରେ ସେମାନଙ୍କୁ ଘର ଦିଅ।ଯିବ ଓ ସହାୟତା ଯୋଗାଇ ଦିଅ।ଯିବ ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାସ୍ତା ଅବରୋଧ କାମ ଅ।ଜି ଅପରାହ୍ନ ସୁଦ୍ଧା ସରିଯାଇଛି । ବିଦ୍ୟୁତ କାମରେ ସାମାନ୍ୟ ବିଳମ୍ବ ହୋଇଛି । ଆଜି ଅପରାହ୍ନରେ ବର୍ଷା ବାଧକ ସାଜିବାରୁ ବିଦ୍ୟୁତ ମରାମତି କାମ ପୂରା ହୋଇପାରି ନାହିଁ । ବାତ୍ୟା ପୂର୍ବରୁ ୨୨.୪୨ ଲକ୍ଷ ଘରକୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା । ଏଥିରୁ ଅରଜି ସନ୍ଧ୍ୟା ୬ଟା ସୁଦ୍ଧା ୧୪.୮୦ ଲକ୍ଷ ଘରକୁ ବିଦ୍ୟୁତ ସଯୋଗ କରାଯାଇଛି । ଏବେ ମଧ୍ୟ ତ୍ୱରିତ୍ୱ କାମ ଜାରି ରହିଛି । ଶକ୍ତି ବିଭାଗର ହେମନ୍ତ ଶର୍ମାଙ୍କୁ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାକୁ ଯାଇଛନ୍ତି । ଭଦ୍ରକରେ ୯ଟା ସୁଦ୍ଧା ବିଦ୍ୟୁତ ଅ।ସିବାର ଲକ୍ଷ୍ୟ ରଖାଯାଇଥିଲା ।ଅନ୍ୟ ସ୍ଥାନରେ କାମ ତ୍ୱରିତ୍ୱ ପର୍ଯ୍ୟାୟରେ କରାଯିବ । ଅ।ସନ୍ତାକାଲି ଅପରାହ୍ନ ପୂର୍ବରୁ ବିଦ୍ୟୁତ କାମ ସାରିବାର ଲକ୍ଷ୍ୟ ରଖାଯାଇଛି ।

ସ୍ୱାସ୍ଥ୍ୟ କଥା କହିବାକୁ ଗଲେ, ଲୋକଙ୍କୁ ଉତ୍ତମ ଚିକିତ୍ସା ସୁବିଧା ମିଳିଛି ଯେଉଁମାନଙ୍କୁ ମେଡିକାଲରେ ରଖାଯାଇଥିଲା, ସେମାନଙ୍କୁ ଭଲ ଚିକିତ୍ସା ଯୋଗାଇ ଦିଅ।ଯାଇଛି । ଗର୍ଭବତୀ ମହିଳାମାନଙ୍କୁ ଡାକ୍ତରଖାନା ଓ ମା ଗୃହମାନଙ୍କୁ ରଖାଯାଇଥିଲା, ଏବେବି ସେମାନେ ସୁରକ୍ଷିତ ଅଛନ୍ତି । ବାତ୍ୟା ସମୟରେ ୨୨୦୦ ଗର୍ଭବତୀ ମହିଳା ପିଲା ଜନ୍ମ କରିଛନ୍ତି । ୧୮ ଜଣ ମା ଯାଆଁଳା ଶିଶୁ ଜନ୍ମ କରିଛନ୍ତି । ଯେଉଁ ଅଞ୍ଚଳରେ ପାଣି ଭର୍ତ୍ତି ହୋଇଛି, ସେଠାକୁ ଅ।ଶ୍ରୟସ୍ଥଳୀରୁ ଯିବାକୁ ମନା କରାଯାଉଛି । ଲୋକଙ୍କର ଘର ଠିକ୍ ଥିଲେ, ବାତ୍ୟା ଆଶ୍ରୟସ୍ଥଳୀରୁ ଯାଇପାରିବେ ଘରକୁ ଯିବାର ଜରୁରୀ ନଥିଲେ ଲୋକେ ୭ଦିନ ପର୍ଯ୍ୟନ୍ତ ଅ।ଶ୍ରୟ ସ୍ଥଳୀରେ ରହିପାରିବେ । ସ୍ଥିତି ସ୍ୱାଭାବିକ ହେବାପରେ ପ୍ରଭାବିତ ଲୋକମାନେ ନିଜ ଘରକୁ ଯାଇପାରିବେ ବୋଲି କହିଛନ୍ତି । ପ୍ରଭାବିତ ଲୋକମାନଙ୍କ ଶ୍ରଦ୍ଧାଭାଜନ ହେବା ପାଇଁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏବେବି ବାତ୍ୟା ପ୍ରଭାବିତ ଅଂଚଳରେ ୧୫୮ପ୍ଲାଟୁନ ପୁଲିସ ଫୋର୍ସ ସୁରକ୍ଷା ଓ ସହାୟତା ପାଇଁ ମୁତୟନ ଅଛନ୍ତି ।ସବୁ ବିଭାଗର ସମନ୍ୱୟ, ରାଜ୍ୟ ଓ ଜିଲ୍ଲାସ୍ତରର ଅଫିସ ମଧ୍ୟରେ ଉତ୍ତମ ତାଳମେଳ ଓ ଟିମ୍ ।ର୍କ ଯୋଗୁ ବାତ୍ୟାର ସଫଳ ମୁକାବିଲା କରାଯାଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ବ୍ୟାପକ କ୍ଷୟକ୍ଷତି କଲା 'ଦାନା'

- ରାଜନଗରରେ ସର୍ବାଧିକ କ୍ଷତି
- ଭାଙ୍ଗିଲା ୫୦ ହଜାରରୁ ଅଧିକ ଗଛ, ଶତାଧିକ ଘର
- ବଳ ଝଡ଼ିଗଲା: କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଅଧିକ ପ୍ରଭାବିତ

ଭୁବନେଶ୍ୱର,୨୫।୧୦(ମହାଭାରତ): ବାତ୍ୟା 'ଦାନା' ସ୍ଥଳଭାଗ ଛୁଇଁବା ପରେ ତାର ପ୍ରକୋପ ଶେଷ କରି ଦୁର୍ବଳ ହୋଇ ଅ।ଜି ବାତ୍ୟାରେ ପରିଣତ ହୋଇଛି । ଦୁର୍ବଳ ହୋଇ ଘଣ୍ଟାକୁ ଏହା ୧୦ କିମି ବେଗରେ ଗତି କରୁଛି । ଏଥିସହ ଉତ୍ତର ଉତ୍ତରପଶ୍ଚିମ ଦିଗ ଆଡ଼େ ଗତି କରୁଛି । ଏହାର ପ୍ରଭାବରେ ବିଭିନ୍ନ ଜିଲ୍ଲାର ପ୍ରବଳ ବର୍ଷା ଲାଗି ରହିଛି ।

ଦାନା ପଳାଇଯାଇଥିଲେ ହେଁ: କେନ୍ଦ୍ରାପଡ଼ା ଓ ଭଦ୍ରକରର ଅନେକ ଚାଷୀଙ୍କ ମୁହଁରୁ ଦାନା ଛଡ଼ାଇ ନେଇଛି । ଏହାର ପ୍ରଭାବରେ ଉପକୂଳ ଓଡିଶାରେ ପ୍ରବଳ ବର୍ଷା ହୋଇଛି । କେନ୍ଦ୍ରାପଡ଼ାରେ ବର୍ଷା ପବନ ହୋଇଛି ଏହାର ପ୍ରଭାବରେ ରାଜକନିକା ଓ ଅ।ଳି ବ୍ଲକରେ ବଡ଼ ବଡ଼ ଗଛ ଉପୁଡି ପଡିଛି ।କିଛି ଜାଗାରେ ବିଦ୍ୟୁତ ଖୁଣ୍ଟ ମଧ୍ୟ ଭାଙ୍ଗିଯାଇଛି ଅଗ୍ନିଶମ ବାହିନୀ, ଓଡ୍ରାଫ ଓ ଏନଡିଅ।ରଏଫ ଟିମ ରାସ୍ତା ସଫା କରିବାରେ ଲାଗିପଡିଛନ୍ତି ।ମହାକାଳପଡା ବ୍ଲକରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି କରିଛି ବାତ୍ୟା ଦାନା । ବ୍ଲକର ବତୀଘର ପଞ୍ଚାୟତର ବିଭିନ୍ନ ଅଂଚଳରେ ବଡବଡ ଗଛ ଭାଙ୍ଗି ପଡିଛି ।ଅନେକ ସ୍ଥାନରେ ଘର ଉପରେ ଗଛ ଭାଙ୍ଗି ପଡ଼ିଛି । ଏହାସହ ବ୍ଲକର ବିଭିନ୍ନ ତଳିଅ । ଅଞ୍ଚଳରେ ବର୍ଷା ଓ ଜୁଆ।ର ପାଣି ପଶିଯାଇଛି ।ଧାନ ଫସଲ କ୍ଷତିଗ୍ରସ୍ତ ହେବାର ଅ।ଶଙ୍କା ରହିଛି । ଗତକାଲି ଠାରୁ ଜିଲ୍ଲାରେ ବର୍ଷା ଜାରି ରହିବା ଦ୍ୱାରା ଲୋକଙ୍କର ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । ଲୋକେ ଘରୁ ବାହାରିପାରୁ ନାହାନ୍ତି । ଜରୁରୀ କାମ ଥିଲେ ମଧ୍ୟ ବାହାରକୁ ଯିବାର ସମ୍ଭବ ହୋଇପାରୁ ନାହିଁ । ରାସ୍ତାରେ ପଡ଼ି ରହିଥିବା ବିଶାଳ ଗଛଗୁଡ଼ିକ ଲୋକଙ୍କର ଗମନାଗମନକୁ ଅଟକାଇ ରଖିଛି । ଭଦ୍ରକ ସହରରୁ ଚନ୍ଦବାଲି ରାସ୍ତାର ଏକାଧିକ ସ୍ଥାନରେ ବଡ଼ବଡ଼ ଗଛ ଢଳି ପଡ଼ି ରାସ୍ତା ଅବରୋଧ ହୋଇଛି ।ଓଡ୍ରାଫ୍ ଓ ଏନଡିଅ।ରଏଫ୍ ଟିମ୍ ରାସ୍ତା ସଫା କରିବାରେ ନିୟୋଜିତ ଅଛନ୍ତି ।କିନ୍ତୁ ପ୍ରବଳ ବର୍ଷା ଓ ପବନ ଯୋଗୁଁ ସେମାନଙ୍କର କାମରେ ବାଧା ସୃଷ୍ଟି ହେଉଛି । ସେହିପରି ଧାମରାକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ମଧ୍ୟ ବିଶାଳକାୟ ଗଛଗୁଡ଼ିକ ଉପୁଡି ପଡ଼ିଥିବାରୁ ସାଧାରଣ ଲୋକଙ୍କର ଗମନାଗମନ ହୋଇପାରି ନାହିଁ ଅ।ଜି ସନ୍ଧ୍ୟା ହୋଇଯାଇଥିବାରୁ ପୁନରୁଦ୍ଧାର କାର୍ଯ୍ୟ

■ପୃଷ୍ଠା-୬

ଆଜି ୫ ଜିଲ୍ଲାରେ ସ୍କୁଲ ବନ୍ଦ

ଭୁବନେଶ୍ୱର,୨୫।୧୦(ମହାଭାରତ): ସାମୁଦ୍ରିକ ବାତ୍ୟା ଦାନା ଯୋଗୁଁ କେନ୍ଦ୍ରାପଡ଼ା ବ୍ୟତୀତ ଉତ୍ତର ଓଡ଼ିଶାର ମୟୂରଭଂଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ଯାଜପୁର ଜିଲ୍ଲାବାସୀ ସର୍ବାଧିକ ପ୍ରଭାବିତ ହୋଇଛନ୍ତି । ଅ।ଜି ଦିନ ତମାମ ଏସବୁ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ସାଙ୍ଗକୁ ପବନର ବେଗ ଘଣ୍ଟା ପିଛା ୧୦୦କିମି ଥିବାରୁ ଫସଲ ହାନୀ ହେବା ସହିତ ରାସ୍ତାଉପରେ ଗଛ ପଡ଼ିବାରୁ ଲୋକଙ୍କର ଯାତାୟତ ବାଧାପ୍ରାପ୍ତ ହୋଇଛନ୍ତି । ସେହିପରି ବର୍ଷା ଯୋଗୁଁ ସ୍କୁଲପିଲାମାନେ ମଧ୍ୟ ପ୍ରଭାବିତ ହୋଇଛନ୍ତି ଏହି ସବୁ ଜିଲ୍ଲାଗୁଡ଼ିକରେ ଗତ ୨୩ ତାରିଖ ଠାରୁ ସ୍କୁଲଗୁଡ଼ିକ ବନ୍ଦ ରହିଛି । ପାଣିପାଗ ବିଭାଗ ପକ୍ଷରୁ ଏହି ୫ଟି ଜିଲ୍ଲାରେ ଅକ୍ଟୋବର ୨୬ରେ ମଧ୍ୟ ବର୍ଷା ଅ।ଶଙ୍କା କରାଯାଇଛି ।ଏହାକୁ ଦୃଷ୍ଟିରେ ରଖି ଶନିବାର ସ୍କୁଲ ଛୁଟି ଘୋଷଣା କରାଯାଇଛି ।

ଅ।ସନ୍ତିକାଲି ମୟୂରଭଞ୍ଜ ଜିଲ୍ଲାର ସମସ୍ତ ସରକାରୀ ଓ ଘରୋଇ ସ୍କୁଲ ଛୁଟି ଘୋଷଣା କରାଯାଇଛି । ବାତ୍ୟା ଦାନା ପ୍ରଭାବରେ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଅସ୍ଥାୟୀ ବ୍ୟାୟା ଅ।ଶ୍ରୟସ୍ଥଳଗୁଡ଼ିକରେ ଏବେବି ଲୋକମାନେ ଅ।ଶ୍ରୟ ନେଇଛନ୍ତି ।ତେଣୁ ତମାମ ଘଟଣାକୁ ଦୃଷ୍ଟିରେ ରଖି ଅ।ସନ୍ତାକାଲି ଜିଲ୍ଲାର ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ । ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଅ।ସନ୍ତାକାଲି ବିଦ୍ୟାଳୟଗୁଡ଼ିକ ବନ୍ଦ ରହିବ । ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରହିବ । ସେହିପରି ଯେଉଁ କଲେଜରେ ବାତ୍ୟା ଆଶ୍ରୟସ୍ଥଳୀ ଅଛି, ତାହା ମଧ୍ୟ ବନ୍ଦ ରହିବ । କେନ୍ଦୁଝର ଜିଲ୍ଲାରେ ମଧ୍ୟ ଅ।ସନ୍ତାକାଲି ସମସ୍ତ

■ପୃଷ୍ଠା-୬

ଦାନାକୁ ଚାପିଦେଲା ଗୁରୁଚାପ

ଭୁବନେଶ୍ୱର: କାହିଁକି ଦୁର୍ବଳ ହେଲା ଏହି ଭୀଷଣ ବାତ୍ୟା ? ଅଳ୍ପ କିଛି ଜିଲ୍ଲା ଭିତରେ କାହିଁକି ସଙ୍କୁଚିତ ହୋଇଗଲା ? ଏହାର ଭୀଷଣ କାୟା କୁଆଡ଼େ ଗଲା ? ସାଧାରଣରେ ଏଭଳି ଚର୍ଚ୍ଚା ହେଉଥିବା ବେଳେ ପାଣିପାଗ ବିଜ୍ଞାନୀଙ୍କ କହିବା କଥା, ଦୁଇଟି ଗୁରୁଚାପ ବଳୟ ପ୍ରଭାବରେ ଦାନା ଅଧିକ ଶକ୍ତିଶାଳୀ ହୋଇପାରିଲା ନାହିଁ ଅସଙ୍ଗଠିତ ଅବସ୍ଥାରେ ଉପକୂଳରେ ଲ୍ୟାଣ୍ଡଫଲ୍ କରିଥିଲା ଦମ୍ ଦେଖାଇବା ଅ।ଗରୁ ଦୁର୍ବଳ ହୋଇଯାଇଥିଲା ବାୟୁମଣ୍ଡଳର ଲଘୁଚାପ-ଗୁରୁଚାପ ପ୍ରଭାବରେ ଘା□ ହେବାରୁ ଦାନା ଓଡ଼ିଶାରେ ସେତେଟା ପ୍ରଭାବ ଦେଖାଇପାରିଲା ନାହିଁ । ଯେଉଁଠି ଲ୍ୟାଣ୍ଡଫଲ୍ କଲା ସେଇଠି ପ୍ରବଳ ବର୍ଷିଲା, ଜୋର୍ ପବନ ବି ହେଲା କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ବ୍ୟତୀତ ଅନ୍ୟ କୌଣସି ଜିଲ୍ଲାରେ ପ୍ରଭାବ ପକାଇପାରିଲା ନାହିଁ । ଅ।କଳନ ଅନୁଯାୟୀ ପବନ ହେଲା ନାହିଁ କି ଜୋର୍ ବର୍ଷିଲା ନାହିଁ ।

ବର୍ଷାର ବିସ୍ତୃତି କମିବା ପଛରେ, ଦୁଇଟି ଆ□-ସାଇକ୍ଲୋନିକ୍ ସର୍କୁଲେସନ୍ ବା ଗୁରୁଚାପ ବଳୟ ରହିଥିବା ପାଣିପାଗ ବିଜ୍ଞାନୀ କହିଛନ୍ତି ।୨୩ ତାରିଖ ପର୍ଯ୍ୟନ୍ତ ବାତ୍ୟ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅନୁକୂଳ ପରିବେଶରେ ଥିଲା ।ଏହା ସମୁଦ୍ରରେ ବଳ ଗୋଟାଇବା ସହ ଉ□ର ପଶ୍ଚିମ ଦିଗ ଅର୍ଥାତ ଓଡ଼ିଶା

■ପୃଷ୍ଠା-୬

ଶନିବାର-ରବିବାର ସରକାରୀ ଛୁଟି ବାତିଲ

ଭୁବନେଶ୍ୱର,୨୫।୧୦(ମହାଭାରତ): ବାତ୍ୟା 'ଦାନା' ପ୍ରଭାବରେ କ୍ଷତିଗ୍ରସ୍ତ ଅଂଚଳରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ଅ।ଜି ରାଜ୍ୟ ସରକାର ଶନିବାର ଓ ରବିବାର ଦୁଇଦିନ ସରକାରୀ ଛୁଟିକୁ ବାତିଲ କରିଛନ୍ତି ।

ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂ ଅ।ଜି ସମସ୍ତ ବିଭାଗକୁ ଚିଠି ଲେଖି 'ଦାନା' ପରବର୍ତ୍ତୀ ବିପର୍ଯ୍ୟୟ ପରିଚାଳନା ଓ ଅନ୍ୟାନ୍ୟ ଗତିବିଧି ପ୍ରାଥମିକତା ଭିତ୍ତିରେ ସମ୍ପାଦନ କରାଯିବାର ଅ।ବଶ୍ୟକତା ରହିଥିବା କହିଛନ୍ତି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ବିଭାଗୀୟ ଅଫିସ୍ ଖୋଲା ରଖିବାକୁ ଘୋଷଣା କରିଛନ୍ତି । ରାଜ୍ୟ ସରକାରଙ୍କ ଅଫିସ୍ ଅକ୍ଟୋବର ୨୬ ଶନିବାର ଓ ୨୭ ରବିବାର ଦୁଇଦିନ ଖୋଲା ରହିବ । ପ୍ରଶାସନିକ ବିଭାଗଗୁଡ଼ିକ ଏଦିଗରେ ଅ।ବଶ୍ୟକ ପଦକ୍ଷେପ ନେବାକୁ ଏସଅ।ରସି ଶ୍ରୀ ସିଂ କହିଛନ୍ତି । ଅନ୍ୟପକ୍ଷରେ ଏସଅ।ରସିଙ୍କ ଏହି ନିର୍ଦ୍ଦେଶ ପରେ ବିଭିନ୍ନ ବିଭାଗ ମଧ୍ୟ ନିଜର ରାଜ୍ୟସ୍ତରଠୁ ଅ।ରମ୍ଭ କରି ବାତ୍ୟା ପ୍ରଭାବିତ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଅଫିସଗୁଡ଼ିକ ଏହି ଦୁଇଦିନ ଖୋଲା ରହିବ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି । ପ୍ରଭାବିତ ଜିଲ୍ଲାରେ ଥିବା ବିଭାଗୀୟ କର୍ମଚାରୀ ଓ ଅଫିସରମାନେ ହେଡକ୍ୱାର୍ଟର ନଛାଡ଼ିବାକୁ ମଧ୍ୟ ତାଗିଦ୍ କରାଯାଇଥିବା ଜଣାପଡ଼ିଛି ।

ଭାରତ-ଚୀନ ସୀମାରେ ଫେରିବ ଶାନ୍ତି

ନୂଆଦିଲ୍ଲୀ,୨୫।୧୦(ଏଜେନ୍ସି): ଅ।ସନ୍ତା ୨୮ କିମ୍ବା ୨୯ ତାରିଖ ସୁଦ୍ଧା ଭାରତ ଏବଂ ଚୀନ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଏସି) ନିକଟରୁ ନିଜ ନିଜ ସୈନ୍ୟଙ୍କୁ ପ୍ରତ୍ୟାହାର କରିନେବେ । ବିଶେଷକରି ଦେପସାଙ୍ଗ ଏବଂ ଡେମଚୋକ ଅଞ୍ଚଳରୁ ସମସ୍ତ ସୈନ୍ୟ ପ୍ରତ୍ୟାହାର ଶେଷ ହେବ ବୋଲି ପ୍ରତିରକ୍ଷା ସୂତ୍ରରୁ ସୂଚନା ମିଳିଛି ।ଦୁଇ ଦେଶ ମଧ୍ୟରେ ଏ ନେଇ ନିଷ୍ପତ୍ତି ହୋଇଥିବା କୁହାଯାଉଛି । ଅ।ଜିଠାରୁ ପ୍ରକ୍ରିୟା ଅ।ରମ୍ଭ ହୋଇଥିବା ବେଳେ ମଙ୍ଗଳବାର ସୁଦ୍ଧା ଏହା ଶେଷ ହେବ ବୋଲି ସେନା ସୂତ୍ରରୁ ଖବର ମିଳିଛି ।

୨୦୨୦ରେ ଘଟିଥିବା ସଂଘର୍ଷ ପରଠାରୁ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଛି ପରବର୍ତ୍ତୀ ସମୟରେ ଦୁଇ ଦେଶର ସେନା ସ୍ତରରେ ଆଲୋଚନା ଫଳରେ ଧୀରେ ଧୀରେ ସୈନ୍ୟ ପ୍ରତ୍ୟାହାର ଅଗ୍ରସର ହୋଇଅ।ସୁଛି । ଗତ ୨୨ ଏବଂ ୨୩ ତାରିଖରେ ରୁଷର କଜାନଠାରେ ଅ।ୟୋଜିତ ବ୍ରିକ୍ସ ସମ୍ମିଳନୀରେ ଭାରତ ଏବଂ ଚୀନ ମଧ୍ୟରେ ଦ୍ୱିପାକ୍ଷିକ ଅ।ଲୋଚନା ପରେ ସୈନ୍ୟ ପ୍ରତ୍ୟାହାର ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ହୋଇଥିବା ଅନୁମାନ କରାଯାଉଛି । ସମ୍ମିଳନୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ଅ।ଲୋଚନା ହୋଇଥିଲା ଦୁଇ ଦେଶର ସମ୍ପର୍କକୁ ମଜଭୁତ କରିବା ଦିଗରେ ଉଭୟ ନେତା ଅ।ଲୋଚନା କରିଥିଲେ ।

ଅଭିନେତ୍ରୀ ରିୟାଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୫।୧୦: ବଲିଉଡ୍ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀଙ୍କୁ ମିଳିଛି 'ସୁପ୍ରିମ୍' ଅ।ଶ୍ୱସ୍ତି । ଅଭିନେତା ସୁଶାନ୍ତ ସିଂହ ରାଜପୁତ ମୃତ୍ୟୁ ମାମଲାରେ ରିୟା ଚକ୍ରବର୍ତ୍ତୀଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଅ।ଶ୍ୱସ୍ତି ମିଳିଛି । ଏହି ମାମଲାରେ ସିବିଅ।ଇର ଲୁକ୍ ଅ।ଉଟ୍ ସର୍କୁଲାର ନୋଟିସକୁ ରଦ୍ଦ କରି ଦେଇଛନ୍ତି

ସୁପ୍ରିମକୋର୍ଟ । ରିୟାଙ୍କ ସହ ତାଙ୍କ ବାପା ଏବଂ ଭାଇଙ୍କୁ ମଧ୍ୟ ସୁପ୍ରିମକୋର୍ଟରୁ ଅ।ଶ୍ୱସ୍ତି ମିଳିଛି । ସେମାନଙ୍କ ବିରୁଦ୍ଧରେ ମଧ୍ୟ ସିବିଅ।ଇ ଲଗାଇଥିବା ଲୁକ୍ ଅ।ଉଟ୍ ସର୍କୁଲାର ନୋଟିସକୁ ରଦ୍ଦ କରି ଦେଇଛନ୍ତି ସୁପ୍ରିମକୋର୍ଟ ।

ସୂଚନାନୁସାରେ, ଫେବୃଆରୀରେ ବମ୍ବେ ହାଇକୋର୍ଟ ରିୟା ଚକ୍ରବର୍ତ୍ତୀ, ତାଙ୍କ ଭାଇ ଓ ବାପାଙ୍କ ଅ।ବେଦନ ଉପରେ ଶୁଣାଣି କରିଥିଲେ । ସିବିଆଇ ଲଗାଇଥିବା ଲୁକ୍ ଆଉଟ୍ ସର୍କୁଲାର ନୋଟିସ୍ ବିରୁଦ୍ଧରେ ସେମାନେ କରିଥିବା ଆବେଦନର ଶୁଣାଣି କରି ଏହାକୁ ରଦ୍ଦ କରି ଦେଇଥିଲେ । କିନ୍ତୁ ସିବିଅ।ଇ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଆଜି ସୁପ୍ରିମକୋର୍ଟ ଏ ଉପରେ ଶୁଣାଣି କରି ବମ୍ବେ

■ପୃଷ୍ଠା-୬

ଚର୍ଚ୍ଚାରେ ଆଶା ଦିଦି ଶିବାନୀ

- ୭ ବୟସ୍କ ଓ

ଚୁଡ଼ା ଖିରୀ

ଆବଶ୍ୟକ ସାମଗ୍ରୀ: ଚୁଡ଼ା,କ୍ଷୀର,ଚିନି,ମିଲ୍କମେଡ଼,ନଡ଼ିଆ କୋରା,ଗୁଜୁରାତି,କାଜୁ-କିସମିସ ଓ ଘିଅ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚୁଡ଼ାକୁ ପାଣିରେ ଭଲ ଭାବେ ଧୋଇ ଚିପୁଡ଼ି ଏକ ମାତ୍ରରେ ରଖିଦିଅନ୍ତୁ । ବର୍ତ୍ତମାନ କଡ଼େଇରେ ଅଳ୍ପ ଘିଅ ଗରମ କରି ଏଥିରେ ଧୁଆ ଚୁଡ଼ାକୁ ପକାଇ ହାଲକା ଭାଜନ୍ତୁ । ଚୁଡ଼ା ଟିକେ ଭାଜି ହୋଇଗଲେ ଏହାକୁ ଏକ ପ୍ଲେଟକୁ କାଢି ଦିଅନ୍ତୁ ।

ଏବେ କଡ଼େଇରେ ଆଉ ଟିକେ ଘିଅ ଗରମ କରି ଏଥିରେ କାଜ,କିସମିସ ପକାଇ ହାଲକା ଭାଜନ୍ତୁ ଓ କାଢି ରଖନ୍ତୁ । ଏହା ପରେ ଏକ ପାତ୍ରରେ କ୍ଷୀରରେ ଗୁଜୁରାତି ପକାଇ ଫୁଟାନ୍ତୁ । କ୍ଷୀର ଫୁଟି ମରିଗଲେ ସେଥିରେ ଚୁଡ଼ା ପକାନ୍ତୁ । ଚୁଡ଼ା ଟିକେ ଫୁଲି ଖୋଲି ଗଲା ପରେ ଏଥିରେ ଚିନି,ମିଲ୍କ ମେଡ଼,ନଡ଼ିଆ କୋରା ଓ ଭଜା କାଜୁ-କିସମିସ ପକାଇ ଫୁଟାନ୍ତୁ । କ୍ଷୀର ଓ ଚୁଡ଼ା ମିଶି ଖିରି ଭଳି ହୋଇଗଲେ ଏହାକୁ ଚୁଲିରୁ ଓହ୍ଲାଇଦିଅନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଚୁଡ଼ା ଖିରୀ' ।

..... ଖବର .....

'ସୁନା ଝିଅ'ର କାହାଣୀ ନେବ ନୂଆ ମୋଡ଼

ଜୀସାର୍ଥକରେ ପ୍ରସାରିତ ଧାରାବାହିକ 'ସୁନା ଝିଅ'ର କାହାଣୀ ନେବ ଏକ ନୂଆ ମୋଡ଼ । ଏକ ଦୁର୍ଘଟଣାରେ ପ୍ରିୟା ନିଜର ସ୍ମରଣ ଶକ୍ତି ହରେଇବସିଛି । ଅତୀତରେ ଘଟିଥିବା କୌଣସି ଘଟଣା ତା'ର ମନେ ନାହିଁ । ଏହା ମଧ୍ୟରେ ବିଷ୍ଣୁଙ୍କ ଦୁଇ ଝିଅ, ଅଂଶୁ ଓ ବଂଶୁଙ୍କ ଶିକ୍ଷକ ହୋଇଛି ପ୍ରିୟାୟ ତା' ମନରେ ବିଷ୍ଣୁ ପ୍ରତି ଭାବନା ଥାଇ ମଧ୍ୟ ସେ ଚୁପ୍ । ଏହା ପଛରେ ରହିଛି ଭବାନୀ ନିକଟରେ ସେ କରିଥିବା ପ୍ରତିଜ୍ଞା ଯେ ବିଷ୍ଣୁ ଓ ସୁସ୍ମିତାକୁ ସେ ଏକାଠି କରିବୟ ଏହା ମଧ୍ୟରେ ଡିଏମ୍ ମୃତ୍ୟୁଞ୍ଜୟ ପାଲଟିଛନ୍ତି ପ୍ରିୟାର ଜଣେ ଭଲ ସାଥୀ ।ସେ ପ୍ରିୟାକୁ ସବୁବେଳେ ତା'ର ଅତୀତ ସହ ଯୋଡ଼ି ହୋଇଥିବା କାହାଣୀକୁ ନୂଆ ରୂପରେ ବର୍ଣ୍ଣନା କରି ସ୍ମରଣ ଶକ୍ତି ଫେରାଇବାକୁ ଚେଷ୍ଟା କରନ୍ତି । ତେବେ ପ୍ରିୟା କ'ଣ ସବୁ କଥା ମନେ ପକେଇପାରିବ ? ଅତୀତରେ ଘଟିଥିବା ସବୁ ରହସ୍ୟ ପଛରୁ କ'ଣ ପରଦା ଉଠିପାରିବ ? ନିଜ ମା'ର ଭଲ ପାଇବାକୁ କ'ଣ ଫେରିପାଇବେ ଅଂଶୁ ଓ ବଂଶୁ ? ଏହିଭଳି ମୋଡ଼ରେ ପହଞ୍ଚିଛି 'ସୁନା ଝିଅ'ର କାହାଣୀ । ଏହି ଧାରାବାହିକକୁ ଦେଖିବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର୍ ପ୍ରତୀକ ସିଲ୍ ।

ଗଣେଶଙ୍କ ପୂଜାରେ କାହିଁ ଲଗାନ୍ତିନି ତୁଳସୀ

ରାମ-ସୀତା, ରାଧା-କୃଷ୍ଣ, ଶିବ-ପାର୍ବତୀ ଆଦି ଯୁଗଳ ନାମ ପରି ଅବଶ୍ୟ କେବେ ଦେଖିବାକୁ ମିଳିନାହିଁ ଗଣେଶ ଓ ତୁଳସୀଙ୍କ ନାମ । ମାତ୍ର ଗଣେଶଙ୍କୁ ତୁଳସୀ ଯେ ଏକତରଫା ଭାବେ ଭଲପାଇ ବସିଥିଲେ ତାହା ହୁଏତ ଆପଣ ଜାଣିଥିବେ । ଆଜି ଆମେ ଆଲୋଚନା କରିବା ସେହି ଅଭୁଲା ଏକତରଫା ପ୍ରେମ କାହାଣୀ ସଂପର୍କରେ ।

ଧର୍ମରାଜଙ୍କ ଝିଅ ତୁଳସୀ ବିଷ୍ଣୁଙ୍କର ପରମ ଭକ୍ତ ଥିଲେ । ସେ ଗଙ୍ଗାନଦୀ କୂଳରେ ଏକ ଗୃହରେ ରହି ବିଷ୍ଣୁଙ୍କ ପୂଜା କରୁଥିଲେ । ଦିନେ ଶିବଙ୍କ ପୁତ୍ର ଗଣେଶ ସେଇ ବାଟ ଦେଇ ଅତିକ୍ରମ କଲେ । ଗଣେଶଙ୍କୁ ଦେଖି ତୁଳସୀ ତାଙ୍କୁ ପ୍ରେମ କରି ବସିଲେ । ସେ ଗଣେଶଙ୍କୁ ଯାଇ ପ୍ରେମ ନିବେଦନ କରିବା ସହ ତାଙ୍କୁ ବିବାହ କରିବାକୁ ଚାହାନ୍ତି ବୋଲି କହିଲେ । ମାତ୍ର ଗଣେଷ ବିନମ୍ରର ସହ ତୁଳସୀଙ୍କ ପ୍ରସ୍ତାବକୁ ପତ୍ୟାଖ୍ୟାନ କରି ସେ ତାଙ୍କ ମାଆ ପାର୍ବତୀଙ୍କ ପରି ଜୀବନସାଥୀ ଚାହାନ୍ତି ବୋଲି କହିଲେ । ଗଣେଶଙ୍କର ଏପରି ସିଧାସଳଖ ପ୍ରାତ୍ୟାଖ୍ୟାନ ଟିକେ ତୁଳସୀଙ୍କୁ ଲଜ୍ଜିତ କଲା । ସେ ଗଣେଶଙ୍କୁ ଏକ ଅଭିଶାପ ଦେଲେ । କହିଲେ ଯେ ତୁମେ ତୁମ ଇଚ୍ଛା ବିରୋଧରେ ବିବାହ କରିବ । ଗଣେଶ ତୁଳସୀଙ୍କ ଅଭିଶାପ ଶୁଣି କ୍ଷୁବ୍ଧ ହୋଇଗଲେ । ସେ ତାଙ୍କୁ ଓଲଟା ଅଭିଶାପ ଦେଇ କହିଲେ, ତୁମେ ଜଣେ ଅସୁରକୁ ବିବାହ କରିବ । ତୁଳସୀ ଗଣେଶଙ୍କୁ ନିଜ ଅଭିଶାପ ପାଇଁ କ୍ଷମା ମାଗିବା ସହ ତାଙ୍କ ଅଭିଶାପ ଫେରାଇ ନେବାକୁ ପ୍ରାର୍ଥନା କଲେ । ଗଣେଶ କହିଲେ ଯେ କେବଳ ବିଷ୍ଣୁ ଚାହିଁଲେ ତୁମକୁ ଏହି ଅଭିଶାପରୁ ମୁକ୍ତ କରିପାରିବେ । ତୁମେ ତାଙ୍କ ପୂଜାରେ ଲାଗିବ, ଏକ ଗଛ ହୋଇ । ମାତ୍ର ମୋ ପୂଜାରେ ତୁମେ କେବେ ବି ଲାଗିବ ନାହିଁ । ସେବେଠାରୁ ତୁଳସୀ ଅନ୍ୟ ସମସ୍ତ ଠାକୁରଙ୍କ ଦେହରେ ଲାଗି ହେଉଥିବା ବେଳେ ଗଣେଶଙ୍କ ପାଖେ ହୋଇନଥାଏ ।

ସ୍ୱପ୍ନରେ ପଶୁପକ୍ଷୀ ଦେଖିଲେ ଧନ ମିଳେ

ସ୍ୱପ୍ନ ଦେଖିବା ମଣିଷର ଏକ ସାଧାରଣ କଥା । ଶୋଇବା ସମୟରେ ମଣିଷ ନାନା ସ୍ୱପ୍ନ ଦେଖିଥାଏ । ସ୍ୱପ୍ନର ଏକ ବିଶେଷ ମହତ୍ତ୍ୱ ରହିଛି । ପ୍ରତ୍ୟେକ ସ୍ୱପ୍ନର ମହତ୍ତ୍ୱ ବି ଭିନ୍ନ ଭିନ୍ନ ହୋଇଥାଏ । ସ୍ୱପ୍ନ ଶାସ୍ତ୍ରରେ ଏ ସମ୍ବନ୍ଧରେ କୁହାଯାଇଛି । ସ୍ୱପ୍ନରେ ବେଳେ ବେଳେ ପଶୁପକ୍ଷୀ ମଧ୍ୟ ଆସିଥାନ୍ତି । ସ୍ୱପ୍ନ ଶାସ୍ତ୍ର ଅନୁସାରେ ସ୍ୱପ୍ନରେ ପଶୁପକ୍ଷୀ ଦେଖିବା ବହୁତ ଶୁଭ ହୋଇଥାଏ । ଯଦି ସ୍ୱପ୍ନରେ ପଶୁପକ୍ଷୀ ଦେଖନ୍ତି ତାହେଲେ ଭବିଷ୍ୟତରେ ଆପଣଙ୍କୁ ବହୁତ ଧନ ମିଳିପାରେ । ଯଦି ସ୍ୱପ୍ନରେ ଆପଣ ଗାଈ ଦେଖନ୍ତି ତାହେଲେ ବହୁ ଶୁଭ । ହିନ୍ଦୁ ଧର୍ମରେ ଗାଈକୁ ଗୋମାତା ଭାବେ ପୂଜା କରାଯାଏ । ଗାଈ ମଧ୍ୟରେ ୩୩ କୋଟି ଦେବାଦେବୀ ବାସ କରନ୍ତି ବୋଲି କୁହାଯାଏ । ସେଥିପାଇଁ ସ୍ୱପ୍ନରେ ଗାଈ ଦେଖିଲେ ବହୁତ ଶୁଭ ହୋଇଥାଏ ଏବଂ ଭବିଷ୍ୟତରେ ସଫଳତା ମିଳିବାର ସଂକେତ ଦେଇଥାଏ । ଯଦି ସ୍ୱପ୍ନରେ କ୍ଷୀର ଦେଉଥିବା ଗାଈକୁ ଦେଖନ୍ତି ତାହେଲେ ଘରେ ସୁଖ ସମୃଦ୍ଧି ଆସିଥାଏ । ଚିତା ଗାଈକୁ ସ୍ୱପ୍ନରେ ଦେଖିଲେ ଋଣ ବ୍ୟବସାୟରେ ଲାଭ ମିଳିବାର ସଂକେତ ଦେଇଥାଏ । ସ୍ୱପ୍ନରେ ହାତୀ ଦେଖିଲେ ସମୃଦ୍ଧି ଓ ଐଶ୍ୱର୍ଯ୍ୟର ପ୍ରତୀକ ବୋଲି କୁହାଯାଏ । ଯଦି ଆପଣ ସ୍ୱପ୍ନରେ ପେଚା ଦେଖନ୍ତି ତାହେଲେ ଏହା ଶୁଭ ବୋଲି କୁହାଯାଏ । ସ୍ୱପ୍ନରେ ପେଚା ଦେଖିଲେ ଧନ ମିଳିବାର ସମ୍ଭାବନା ଥାଏ । କିନ୍ତୁ ଏହି ସ୍ୱପ୍ନ ଦେଖିବା ପରେ ଆପଣଙ୍କୁ ମା' ଲକ୍ଷ୍ମୀଙ୍କ ମନ୍ଦିର ଯାଇ ଲାଲ ରଙ୍ଗର ବସ୍ତ୍ର ଅର୍ପଣ କରିବାକୁ ହେବ । ଶାସ୍ତ୍ରରେ ମାଛକୁ ମା' ଲକ୍ଷ୍ମୀଙ୍କ ଆଗମନର ପ୍ରତୀକ ବୋଲି କୁହାଯାଏ ।

ବିଳମ୍ବିତ ରାତିରେ ଖାଉଥିଲେ ସାବଧାନ, ହୋଇପାରେ କ୍ୟାନ୍‌ସର



ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଅଧିକାଂଶ ଲୋକଙ୍କ ଅଭ୍ୟାସ ଥାଏ । ତେବେ ଏହି ଅଭ୍ୟାସ ଆଗକୁ ବିପଦ ରହିଛି । ଲୋକେ କ୍ୟାନସର ଭଳି ମାରାତ୍ମକ ରୋଗରେ ପୀଡିତ ହୋଇପାରନ୍ତି । ଇଣ୍ଟର ନ୍ୟାସନାଲ ଜର୍ଣ୍ଣାଲ ଅଫ କ୍ୟାନସରର ରିପୋର୍ଟ ଅନୁସାରେ ରାତ୍ରି ଭୋଜନ ଡେରିରେ କଲେ କ୍ୟାନସର ହୋଇପାରେ ।

ରିସର୍ଚ୍ଚ ଅନୁସାରେ, ବିଳମ୍ବିତ ରାତିରେ ଭୋଜନ କରୁଥିବା ଲୋକଙ୍କୁ ବ୍ରେଷ୍ଟ ଏବଂ ପ୍ରୋଷ୍ଟେଟ କ୍ୟାନ୍‌ସର ଅଧିକ ବିପଦ ରହିଛି । ନିକଟରେ ଲୋକଙ୍କ ଖାଦ୍ୟ-ପେୟ ସହ ଜଡିତ ଅଭ୍ୟାସକୁ ନେଇ ଏକ ଗବେଷଣା କରାଯାଇଥିଲା । ଏହି ଅଧ୍ୟୟନରେ ୮୭୨ ପୁରୁଷ ଏବଂ ୧୩୨୧ ମହିଳା ସାମିଲ ହୋଇଥିଲେ । ଏଥିରୁ ଗବେଷକମାନେ ପ୍ରୋଷ୍ଟେଟ କ୍ୟାନସରର୬୨୧ଟି ମାମଲା ଏବଂ ସ୍ତନକର୍କଟ ରୋଗର ୧୨୦୫ଟି ମାମଲା ଦେଖିଥିଲେ ।

ଏହି ପରୀକ୍ଷାରେ ସାମିଲ ହୋଇଥିବା ଲୋକଙ୍କୁ ସେମାନଙ୍କ ଖାଦ୍ୟ ଖାଇବା ଏବଂ ଶୋଇବା ସମୟ ପଚରାଯାଇଥିଲା । ପରେ, ଏହି ଲୋକମାନଙ୍କର ଶୋଇବା ଏବଂ ଖାଇବା ଅଭ୍ୟାସକୁ ସାଧାରଣ ଲୋକଙ୍କ ଅଭ୍ୟାସ ସହ ତୁଳନା କରାଯାଇଥିଲା । ପରୀକ୍ଷାରୁ ଜଣାପଡିଥିଲା ଯେ, ରାତିରେ ଖାଇବା ପରେ ସଙ୍ଗେ ସଙ୍ଗେ ଶୋଇ ପଡୁଥିବା ଲୋକଙ୍କୁ କ୍ୟାନସର ବିପଦ ଅଧିକ ରହିଥାଏ । ସେହିପରି ରାତିରେ ଖାଇବା ପରେ ଅତି କମ୍‌ରେ ୨ ଘଣ୍ଟା ବା ତା'ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ନଶୋଇବା ଲୋକଙ୍କ ମଧ୍ୟରେ କ୍ୟାନସରର ବିପଦ ୨୦ ପ୍ରତିଶତ କମ ଦେଖାଦେଇଥାଏ । ସେହିପରି ରିସର୍ଚ୍ଚ କହୁଛି ଯେ, ରାତି ୯ଟା ପୂର୍ବରୁ ଭୋଜନ କରୁଥିବା ଲୋକଙ୍କ ମଧ୍ୟରେ କ୍ୟାନ୍‌ସର ବିପଦ ଖୁବ କମ୍ ରହିଛି । ରାତି ୧୦ଟା ପରେ ଡିନର କରୁଥିବା ଲୋକଙ୍କ ମଧ୍ୟରେ ୯ଟାରେ ଭୋଜନ କରୁଥିବା ଲୋକଙ୍କ ତୁଳନାରେ କ୍ୟାନସର ରୋଗର ବିପଦ ଅଧିକ ଥାଏ । କେବଳ ସେତିକି ନୁହେଁ ପ୍ରତିଦିନ ଆପଣ ଖାଉଛନ୍ତି ଏବଂ କେଉଁ ପ୍ରକାର ଖାଦ୍ୟ ଖାଉଛନ୍ତି, ଏହାଦ୍ୱାରା କ୍ୟାନସର ବିପଦ ରହିଛି ନା ନାହିଁ ସେ ନେଇ ମଧ୍ୟ ପରୀକ୍ଷା କରାଯାଇଛି । ଏଥିରୁ ଜଣାପଡିଛି ଯେ, ଖାଦ୍ୟ ଖାଇବା ଅଭ୍ୟାସ ବଦଳାଇଲେ କ୍ୟାନସର ରୋଗର ପ୍ରଭାବ ମଧ୍ୟ ଆମ ଶରୀର ଉପରେ କମ ଅଧିକା ରହିଥାଏ । ମେଡିକାଲ ନ୍ୟୁଜ ଟୁଡେ ରିପୋର୍ଟ ଅନୁଯାୟୀ, ଆପଣ ନିଜ ଡାଏଟରେ କେଉଁ ଖାଦ୍ୟ ଖାଉଛନ୍ତି, ଯେଉଁଥିପାଇଁ କ୍ୟାନସର ହେଉଛି ତାହା କହିବା କଷ୍ଟକର । କିନ୍ତୁ ଡାକ୍ତରମାନେ ଅଧିକ ତେଲ ଯୁକ୍ତ ଖାଦ୍ୟକୁ ଦାୟୀ କରୁଛନ୍ତି । ମିଠା ପାନୀୟ, କୋଲ୍ଡ ଡ୍ରିଙ୍କ୍ସ, ଲାଲ ମାଂସ, ଆଲକହଲ, ଧୂମପାନ, ରିଫାଇନରୀ ତେଲ ଅଲଟ୍ରା ପ୍ରୋସେସଡ ଫୁଡ ଏବଂ ହାଇପ୍ରୋଟିନ ଡାଏଟ ଯୋଗୁଁ ମଧ୍ୟ କ୍ୟାନସର ରୋଗ ସୃଷ୍ଟି ହୋଇପାରେ । ଶରୀରରେ ଚର୍ବି ଅଂଶ ଅତ୍ୟଧିକ ମାତ୍ରାରେ ବଢ଼ିବା ଦ୍ୱାରା କ୍ୟାନସର ବିପଦ ଉତ୍ପନ୍ନ ହୋଇଥାଏ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ତେଣୁ ଏସବୁ ଦିଗ ଉପରେ ଧ୍ୟାନ ରଖିଲେ କ୍ୟାନସର ଭଳି ମାରାତ୍ମକ ରୋଗର ବିପଦକୁ ଟାଳି ହେବ ବୋଲି ଏହି ଅଧ୍ୟୟନର ପ୍ରମୁଖ ଡାକ୍ତର ମନୋଲିସ କୋଜିଭିନାସ କହିଛନ୍ତି ।

ଗ୍ୟାସ ସଂରକ୍ଷଣ କରିବାର ଉପାୟ

■ ଗ୍ୟାସ ଲିକ

ଗ୍ୟାସ ପାଇପ ସବୁବେଳେ ଯାଞ୍ଚ କରନ୍ତୁ । ରୋଷେଇ ଆରମ୍ଭ ହେବା ପୂର୍ବରୁ ଏବଂ ରୋଷେଇ ସରିବା ପରେ ଥରେ ନିହାତି ଭାବେ ଚେକ କରି ନିଅନ୍ତୁ ।

ଏଥିରୁ ଆପଣ ଜାଣିପାରିବେ , ଆପଣଙ୍କ ଗ୍ୟାସ ଲିକ ଅଛି କି ନାହିଁ । ଏହା ଏଲପିଜି ଗ୍ୟାସ ସଂରକ୍ଷଣର ସବୁଠାରୁ ଭଲ ଉପାୟ ।

■ ପ୍ୟାନକୁ ଶୁଖାଇ ଗ୍ୟାସରେ ବସାନ୍ତୁ

ଏହା ଏକ ସରଳ ଓ ସୁବିଧା ଉପାୟ, ଯେଉଁଥିରେ ଆପଣ ବିନା ପରିଶ୍ରମରେ ରୋଷେଇ ଗ୍ୟାସକୁ ବଞ୍ଚାଇ ପାରିବେ । ଏଠାରେ ଆପଣ ଏଲପିଜି ଗ୍ୟାସର ବ୍ୟବହାର ବାସନ ଶୁଖାଇବା ପାଇଁ କରନ୍ତୁ ନାହିଁ । ବାସନ ଶୁଖାଇବା ପାଇଁ ରୋଷେଇ ଘର ଟାଓ୍ୱେଲ ବ୍ୟବହାର କରନ୍ତୁ ।

■ ଓଭରକୁକିଂ

ଏହା ଅଯଥା ଏଲପିଜି ଖର୍ଚ୍ଚ ହେବାର ସବୁଠାରୁ ବଡ଼ କାରଣ । ତେଣୁ ଯଦି ଆପଣ ଖାଦ୍ୟ ରାନ୍ଧୁଛନ୍ତି, ତା'ହେଲେ ରାନ୍ଧିବା ସମୟ ଉପରେ ନଜର ରଖନ୍ତୁ । ସବୁ ପରିବା ଅତି ସିଝିବା ଜରୁରୀ କି ନୁହେଁ, ତାହା ଦେଖନ୍ତୁ । ଭୋଜନରେ ସାଲାଡ଼,ଦହି ଆଦି ସାମିଲ କରନ୍ତୁ । କାରଣ, ଏଗୁଡ଼ିକୁ ସିଝାଇବାକୁ ପଡ଼ି ନଥାଏ । ସେହିପରି ଛୋଟ ଛୋଟ ସବଜିକୁ ଆପଣ ଚାହିଁଲେ ମାଇକ୍ରୋୱେଭରେ ସିଝାଇପାରିବେ ।

■ ଡାଙ୍କୁଣୀ ବ୍ୟବହାର କରନ୍ତୁ

ସବୁବେଳେ ଖାଦ୍ୟ ରାନ୍ଧିବା ବେଳେ ଡାଙ୍କୁଣୀ ବ୍ୟବହାର କରନ୍ତୁ । କାରଣ,ଏମିତି କଲେ, ବାମ୍ପ ଭିତରେ ରହିଥାଏ । ଏହା ଖାଦ୍ୟକୁ ଶୀଘ୍ର ରାନ୍ଧିବାରେ ସହାୟକ ହୋଇଥାଏ ।

■ ଥର୍ମୋଫ୍ଲାସ

ଯଦି ଅଧିକାଂଶ ବ୍ୟଞ୍ଜନ ରାନ୍ଧିବା ପୂର୍ବରୁ ଆପଣଙ୍କୁ ଗରମ ପାଣିରେ ଆବଶ୍ୟକ ପଡ଼ିଥାଏ, ତା'ହେଲେ ଥର୍ମୋଫ୍ଲାସ ବ୍ୟବହାର କରନ୍ତୁ । ଗ୍ୟାସରେ ଥରେ ପାଣି ଗରମ କରନ୍ତୁ । ଗ୍ୟାସରେ ଥରେ ପାଣି ଗରମ କରନ୍ତୁ ଏବଂ ଏହାକୁ ଥର୍ମୋଫ୍ଲାସରେ ରଖିଦିଅନ୍ତୁ ।

ଭାରତୀୟ ସମାଜ ଓ ବଜାର ପାଇଁ ଷ୍ଟାର୍ଟଅପ୍ ଗୁଡ଼ିକୁ ବିକଶିତ କରିବା ଉପରେ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସିଡନୀ/ଅଷ୍ଟ୍ରେଲିଆ, ୨୫।୧୦(ମହାଭାରତ.): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଷ୍ଟ୍ରେଲିଆ। ଗସ୍ତର ଅନ୍ତିମ ଦିନରେ ଗବେଷଣା କ୍ଷେତ୍ରରେ ଅଧ୍ୟୟନ କରୁଥିବା ଭାରତୀୟ ଛାତ୍ରଛାତ୍ରୀ ଏବଂ ବରିଷ୍ଠ ଗବେଷକଙ୍କୁ ଭେଟି ଦୁଇ ଦେଶର ଶିକ୍ଷା ବ୍ୟବସ୍ଥା ଓ ଗବେଷଣା ଉପରେ ଆଲୋଚନା କରିଛନ୍ତି । ଏହାସହ ଅଷ୍ଟ୍ରେଲିଆର କେତୋଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ଗୁଡିକରେ ଥିବା ଟେକ୍ନୋଲୋଜି ଓ କ୍ରୀଡ଼ା ଆଧାରିତ ଅଭିନବ କ୍ୟାମ୍ପସ ଓ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ।

ଅଷ୍ଟ୍ରେଲିଆର ଗବେଷଣାଭିତ୍ତିକ ବିଶ୍ୱବିଦ୍ୟାଳୟସମୂହ 'ଗ୍ରୁପ୍ ଅଫ୍ ୮' ଏବଂ 'ୟୁନିଭରସିଟି ଅଫ୍ ନ୍ୟୁ ସାଉଥ ୱେଲ୍ସ' ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଅଷ୍ଟ୍ରେଲିଆରେ ଅଧ୍ୟୟନ କରୁଥିବା ଭାରତୀୟ ଛାତ୍ରଛାତ୍ରୀ ଓ ଗବେଷକଙ୍କ ସହ ଶିକ୍ଷା ମନ୍ତ୍ରୀ ସାକ୍ଷାତ୍ ଆଲୋଚନା କରିଛନ୍ତି ଯେ ରୋବୋଟିକ୍ସ, କେମିକାଲ୍ସ, ଆଷ୍ଟ୍ରୋଫିଜିକ୍ସ, ସୁପର-କଣ୍ଡକ୍ଟିଭିଟି, ବିନିର୍ମାଣ କ୍ଷେତ୍ରରେ ଏଆଇ, ସ୍ୱାସ୍ଥ୍ୟସେବା, ମେଡ୍ ଟେକ୍, ଜଳବାୟୁ ପରିବର୍ତ୍ତନ, ୱାଟର ମ୍ୟାନେଜମେଣ୍ଟ ଏବଂ ଅର୍ବାନ ପ୍ଲାନି କ୍ଷେତ୍ରରେ ଅତ୍ୟାଧୁନିକ ଗବେଷଣା ଉପରେ ଭାରତର ଛାତ୍ରଛାତ୍ରୀ ଏବଂ ଗବେଷକମାନେ କାର୍ଯ୍ୟ କରୁଥିବା ଜାଣି ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଥିଲେ ଯେ ସେ କହିଥିଲେ

ଗବେଷଣା ସହଯୋଗ ହେଉଛି ଅଷ୍ଟ୍ରେଲିଆ। ଏବଂ ଭାରତ ମଧ୍ୟରେ ଥିବା ସମ୍ପର୍କର ମୂଳ ଆଧାର ଯେ ଆଜିର ସାକ୍ଷୀ ଆଲୋଚନା କାର୍ଯ୍ୟକ୍ରମ ଭାରତ ଓ ଅଷ୍ଟ୍ରେଲିଆ। ମଧ୍ୟରେ ବ୍ୟାପକ ଏବଂ ଗଭୀର ଗବେଷଣା ସହଯୋଗର ଆବଶ୍ୟକତାକୁ ଆଗକୁ ନେବା ପାଇଁ ଏକ ଭଲ ସୂଚନା ପ୍ରଦାନ କରିଛି ।

ଶ୍ରୀ ପ୍ରଧାନ ସିଡନୀ ସ୍ଥିତ ମ୍ୟାକ୍ୱାରି ବିଶ୍ୱବିଦ୍ୟାଳୟ ପରିସରରେ ଥିବା ମ୍ୟାକ୍ୱାରି ପାର୍କ ଇନୋଭେସନ୍ ଡିଷ୍ଟ୍ରିକ୍ଟ (ଏମପିଆଇଡି) ପରିଦର୍ଶନ କରିଥିଲେ ।ଯେ ଗବେଷକ ଏବଂ ଉଦ୍ୟମିତାଙ୍କ ଆଇଡିଆକୁ ବିକଶିତ କରିବା ଦିଗରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦିଆଯାଉଥିବା ସହଯୋଗକୁ ସେ ପ୍ରଶଂସା କରିଥିଲେ। ସେହିପରି ୟୁନିଭରସିଟି ଅଫ୍ ନ୍ୟୁ ସାଉଥ ୱେଲ୍ସ (ୟୁଏନଏସଡବ୍ଲ୍ୟୁ)ର ବିଭିନ୍ନ ବିଦ୍ୟାଳୟ ଦ୍ୱାରା ପରିଚାଳିତ ଷ୍ଟାର୍ଟଅପ୍ ଗୁଡ଼ିକର ମୁଖ୍ୟ ଏବଂ ଅନ୍ୟ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ । ସମାଜରେ ସକରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଷ୍ଟାର୍ଟଅପ ଗୁଡିକର କାର୍ଯ୍ୟକୁ ପ୍ରଶଂସା କରିବା ସହ ଭାରତୀୟ ସମାଜ ଏବଂ ବଜାର ପାଇଁ ଥିବା ସମସ୍ୟାର ସମାଧାନ ପାଇଁ ଷ୍ଟାର୍ଟଅପ୍ ଗୁଡ଼ିକୁ ବିକଶିତ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ ।

ଶ୍ରୀ ପ୍ରଧାନ କ୍ରୀଡ଼ା ଶିକ୍ଷା ଓ କ୍ରୀଡ଼ା ଗବେଷଣା କ୍ଷେତ୍ରରେ ସହଯୋଗ ଲୋଡ଼ିବା ପାଇଁ ସିଡନୀ ସ୍ଥିତ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି କ୍ୟାମ୍ପସ ପରିସରରେ ଥିବା ୟୁଟିଏସ୍ ମୁର୍ ପାର୍କ ଗସ୍ତ କରିଥିଲେ । ୟୁଟିଏସର ମୁର ପାର୍କ ପରିସର ହେଉଛି ଏକ ଅତ୍ୟାଧୁନିକ ଶିକ୍ଷାଦାନ, ଗବେଷଣା ଏବଂ କ୍ରୀଡ଼ା ସୁବିଧା ଯୁକ୍ତ ଅନୁଷ୍ଠାନ । ଏହି ଶିକ୍ଷାନୁଷ୍ଠାନରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଗୁଡିକ ଖେଳ ସହ ଜଡ଼ିତ ଥିବାର ଅଭିନବ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।ଅତ୍ୟାଧୁନିକ କ୍ରୀଡ଼ା ପରିଚାଳନା ଏବଂ ଗବେଷଣା କାର୍ଯ୍ୟକ୍ରମ ପ୍ରଦାନ ଦିଗରେ ୟୁଟିଏସ୍ କିପରି ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକ ସହ ଭାଗିଦାରୀ କରିପାରିବ ସେ ବିଷୟରେ ଆଲୋଚନା କରିଥିଲେ । ଏହି ସବୁ କାର୍ଯ୍ୟକ୍ରମରେ ଯୋଗଦେବା ପରେ କେନ୍ଦ୍ରମନ୍ତ୍ରୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

ଭାରତରତ୍ନ ଅବଦୁଲ କାଲାମଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୫।୧୦ (ମହାଭାରତ): କଳିଙ୍ଗ ଏଡୁକେସନାଲ ସୋସିଆଲ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ନୂଆଦିଲ୍ଲୀ ସ୍ଥିତ ପ୍ରେସ କ୍ଲବ ଇଣ୍ଡିଆ ସଭାକକ୍ଷରେ ଭାରତରତ୍ନ ଡକ୍ଟର ଏ ପି ଜେ ଅବଦୁଲ କାଲାମଙ୍କ ୯୩ ତମ ଜୟନ୍ତୀ ଓ ବିଶ୍ୱ ଛାତ୍ର ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ

ଉଦ୍‌ଘାଟକ ଭାବେ ଲୋକସଭା ସାଂସଦ ସୁକାନ୍ତ ପାଣିଗ୍ରହୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଅବସରପ୍ରାପ୍ତ ଆଇଏଫଏସ ଅମରେନ୍ଦ୍ର ଖଟୁଆ, ମୁଖ୍ୟ ବକ୍ତା ପ୍ରଫେସର ବଳରାମ ପାଣି, ସ୍ୱତନ୍ତ୍ର ଅତିଥି ଡ. ଜ୍ୱାଳା ପ୍ରସାଦ, ସମ୍ମାନିତ ଅତିଥି ଭାବେ ଡ. ଓ ପି ଯାଦବ, ନୃସିଂହ ନାଥ ନନ୍ଦ, ପ୍ରଭାତୀ ମିଶ୍ର ପ୍ରମୁଖ ଯୋଗଦେଇ ଭାରତରତ୍ନ ଡକ୍ଟର ଏ ପି ଜେ ଅବଦୁଲ କାଲାମଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜୟ ଜଗନ୍ନାଥ ପରିବାର ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଭଗବାନ ଦାଶଙ୍କୁ ଆନ୍ତର୍ଜାତୀୟ ସମାଜସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟର ସମ୍ପାଦକ କାଳି ଚରଣ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଝାରପଡ଼ା ଜେଲରେ ଗୋଷ୍ଠୀ ସଂଘର୍ଷ

ଭୁବନେଶ୍ୱର: ଝାରପଡ଼ା ଜେଲ ଭିତରେ କଏଦୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହେବା ଫଳରେ ତୁମୁଳ କାଣ୍ଡ ଘଟିଛି। କଏଦୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ପାଇଁ ଜେଲରେ ସାଇରନ୍ ବାଜିଥିବା ଜଣାପଡିଛି। ଦୁର୍ଦ୍ଦାନ୍ତ କଏଦୀ ନାରଣ ଓ କିଶନ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିବା ଫଳରେ ଏଭଳି ଅଭାବନୀୟ ଘଟଣା ଘଟିଥିବା କୁହାଯାଉଛି। ଜେଲ ୱାର୍ଡନ୍ ଅଟକାଇବାକୁ ଯିବାରୁ ତାଙ୍କୁ ମାଡ଼ ମାରି ଗୁରୁତର କରିଛନ୍ତି କଏଦୀ। ତେଣେ ଜେଲ୍ ଭିତରେ ଜେଲ୍ଲଙ୍କୁ ୩ କଏଦୀ ଆକ୍ରମଣ କରିଥିବା ଜଣାଯାଇଛି। ଏମାନେ ବ୍ଲେଡରେ ଜେଲରଙ୍କ ହାତ କାଟିଦେଥିବା ଜଣାଯାଇଛି। ଏନେଇ ଲକ୍ଷ୍ମୀସାଗର ଥାନାରେ ମାମଲା ରୁଜୁ ହୋଇଛି। ପୁଲିସ ତଦନ୍ତ ଆରମ୍ଭ କରିଛି। କିନ୍ତୁ ଏଭଳି କାଣ୍ଡର ଅସଲି କାରଣ ଏଯାଏ ଜଣାଯାଇନାହିଁ।

ସଂଯୋଗ ଶୁକ୍ରବାର

୧୯୯୯ରେ ମହାବାତ୍ୟା, ୨୦୧୯ରେ 'ଫନି', ଆଉ ଏବେ 'ଦାନା'

ଭୁବନେଶ୍ୱର: ୧୯୯୯ ମସିହା ଅକ୍ଟୋବର ୨୯। ସେଦିନ ଥିଲା ଶୁକ୍ରବାର। ସକାଳୁ ସକାଳୁ ଉପକୂଳ ଓଡ଼ିଶାରେ ପ୍ରକୃତି ରଚିଥିଲା ତାଣ୍ଡବ। ମହାବାତ୍ୟାର କରାଳ ରୂପରେ ସବୁ କିଛି ଛାରଖାର ହୋଇଗଲା। ଜଗତ୍ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ପୁରୀ, ଗଞ୍ଜାମ, କଟକ, ଖୋର୍ଦ୍ଧା, ନୟାଗଡ଼, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ ପ୍ରଭୃତି ଜିଲ୍ଲା ପ୍ରଭାବିତ ହୋଇଥିଲା। ଜଗତ୍ସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ହଜାର ହଜାର ଲୋକ ପ୍ରାଣ ହରାଇଲେ। ବାସହୀନ ହୋଇପଡ଼ିଥିଲେ ଲକ୍ଷାଧିକ। କେତେ ଜୀବଜନ୍ତୁ ମରିଲେ ସେନେଇ କେହି ଗଣିପାରିଲେ ନାହିଁ। ସେତେବେଳର ଛାତି ଥରା ଦୃଶ୍ୟକୁ ଯିଏ ଦେଖିଛି ଆଜି ପର୍ଯ୍ୟନ୍ତ ତାହା ମନରୁ ଲିଭିପାରୁନି।

ଏହାର ଠିକ୍ ୨୦ ବର୍ଷ ପରେ ଅର୍ଥାତ ୨୦୧୯ ମେ' ୩। ପୁଣିଥରେ ସେହି ଶୁକ୍ରବାରୟ ପ୍ରକୃତି ଦେଖାଇଲା ତା'ର ରୂପ। ବାତ୍ୟା 'ଫନି' ସକାଳୁ ସକାଳୁ ଉପକୂଳ ଓଡ଼ିଶାକୁ ମାଡ଼ କଲା। ଶ୍ରୀକ୍ଷେତ୍ରକୁ ଛୁଇଁବା ସହ ଖୋର୍ଦ୍ଧା, ଗଞ୍ଜାମ, ଜଗତ୍ସିଂହପୁର, କଟକ, କେନ୍ଦ୍ରାପଡ଼ା ଜିଲ୍ଲାରେ ପଭାବ ପକାଇଲା। ୧୯୯୯ରୁ ୨୦୧୯ ଭିତରେ ଫାଇଲିନ୍, ହୁଡହୁଡ୍, ତିତଲି ଭଳି ବାତ୍ୟାକୁ ଓଡ଼ିଶା ସମ୍ମୁଖୀନ କରିଥିଲେ ମଧ୍ୟ ସେତେଟା ଧନଜୀବନ ପ୍ରଭାବିତ ହୋଇ ନ ଥିଲା, ଯାହାକି 'ଫନି' ଘଟାଇଥିଲା। ଲୋକଙ୍କଠାରୁ ଅନେକ କିଛି ଛଡ଼ାଇ ନେଇଗଲା। ମହାବାତ୍ୟା ପରି 'ଫନି'ର ତାଣ୍ଡବ ଲୋକଙ୍କ ଦୂର୍ଦ୍ଦଶା ବାଇ ଦେଇଥିଲା। ଭୁବନେଶ୍ୱର, କଟକ, ପୁରୀ, ଖୋର୍ଦ୍ଧା ସହର ଛାରଖାର ହୋଇଗଲା। ବସ୍, ଟ୍ରେନ୍, ବିମାନ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଶ୍ରୀହୀନ ହୋଇଯାଇଥିଲା ଶ୍ରୀକ୍ଷେତ୍ର। ପର୍ଯ୍ୟଟନର ସହର ପୁରୀର ସବୁ ହୋଟେଲ ଭାଙ୍ଗିରୁଜି ଯାଇଥିଲା। କୋଟି କୋଟି ଟଙ୍କାର କୋଠାବାଡ଼ି ମାଟିରେ ଲୋଟି ପଡ଼ିଥିଲା। ଯାହାକୁ ଭରଣା କରିବା ଆଜି ପର୍ଯ୍ୟନ୍ତ ସମ୍ଭବପର ହୋଇ ନାହିଁ।

ସଂଯୋଗବଶତଃ ୨୦୨୪ ଅକ୍ଟୋବର ୨୫ୟ ଅର୍ଥାତ୍ ଆସନ୍ତାକାଲି ପୁଣି ସେହି ଶୁକ୍ରବାର। ଭିତରକନିକା-ଧାମରା ମଧ୍ୟରେ ଉପକୂଳ ଓଡ଼ିଶାରେ ମାଡ଼ ହୋଇଛି ବାତ୍ୟା 'ଦାନା'। ୨୫ ତାରିଖ ଭୋର ସମୟରେ ବାତ୍ୟା ମାଡ଼ ହେବା ସହ ନିଜର କରାଳ ରୂପ ଦେଖାଉଛି। ମାଡ଼ ହେବା ସହ ଧୀରେ ଧୀରେ ଆଭ୍ୟନ୍ତରୀଣ ଓଡ଼ିଶା ଭିତରକୁ ପ୍ରବେଶ କରୁଛି। ଯାଜପୁର, ଢେଙ୍କାନାଳ, ଅନୁଗୁଳ ଦେଇ ଆଗକୁ ବିବାକୁ ଥିବାରୁ ଶୁକ୍ରବାର ବ୍ୟାପକ କ୍ଷତି ଘଟାଇବ। ଶୁକ୍ରବାର ସକାଳ ବେଳକୁ ପବନର ବେଗ ସାମାନ୍ୟ ହ୍ରାସ ପାଇବାକୁ ଥିଲେ ମଧ୍ୟ ବାତ୍ୟା ରୂପରେ ମଧ୍ୟାହ୍ନ ଯାଏ ତାଣ୍ଡବ ରଚିବ।୧୧ ଜିଲ୍ଲାରେ ଅତିରୁ ଅତିପ୍ରବଳ ବର୍ଷା ହେବାକୁ ଥିବାରୁ ବ୍ୟାପକ ଅଞ୍ଚଳ ବୁଡ଼ିବା ନେଇ ଆକଳନ କରାଯାଇଛି। ପୂର୍ବ ଦୁଇଟି ବାତ୍ୟା ଭଳି ସେତେଟା ପ୍ରକୋପ ପକାଇବ ନାହିଁ ସତୟ ମାତ୍ର ଶୁକ୍ରବାର ଯେଉଁ ତାଣ୍ଡବ ରଚିବ ତାହା ଇତିହାସରେ ଫର୍ଦ୍ଦରେ 'ସେହି ଶୁକ୍ରବାର' ଭାବେ ପୁଣିଥରେ ଲିପିବଦ୍ଧ ହୋଇ ରହିଯିବ।

ଅମୃତ ଷ୍ଟେସନ ଯୋଜନାରେ ତାଳଚେର ରୋଡ୍ ଷ୍ଟେସନର ପୁନର୍ବିକାଶ

ଭୁବନେଶ୍ୱର / ତାଳଚେର / ଅନୁଗୁଳ,୨୫।୧୦(ମହାଭାରତ): ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ତାଳଚେର ରୋଡ଼ ରେଳ ଷ୍ଟେସନକୁ ପ୍ରାୟ ୧୯ କୋଟି ଟଙ୍କା ବ୍ୟୟରେ ପୁନଃ ବିକଶିତ କରାଯାଉଅଛି ଯାତ୍ରୀମାନଙ୍କ ସୁବିଧାକୁ ସୁଦୃଢ଼ କରିବା ଏବଂ ନିକଟସ୍ଥ କୋଇଲା କ୍ଷେତ୍ର, ପାୱାର ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ଶିଳ୍ପ ଦ୍ୱାରା ସୃଷ୍ଟି ହେଉଥିବା ଟ୍ରାଫିକକୁ ସଠିକ ପରିଚାଳନା କରିବା ଏହି ପ୍ରକଳ୍ପର ଲକ୍ଷ୍ୟ।ରେଳ ମନ୍ତ୍ରଣାଳୟ ଦ୍ୱାରା ଘୋଷିତ ୫୭ ଟି ଅମୃତ ଷ୍ଟେସନ୍ ମଧ୍ୟରୁ ତାଳଚେର ରୋଡ୍ ଷ୍ଟେସନ୍ ଏହି ଅଞ୍ଚଳର ବୃଦ୍ଧି ପାଉଥିବା ଜନସଂଖ୍ୟାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପରିବହନ ହବ୍ ହେବାକୁ ପ୍ରସ୍ତୁତ ହୋଇଛି ଏହି ଷ୍ଟେସନ ଠାରେ ସମ୍ପ୍ରତି ୨୨ ଟି ଟ୍ରେନ୍ ରହଣି କରୁଥିବା ବେଳେ ଆଖପାଖରେ ଚାଲିଥିବା ଶିଳ୍ପ ବିକାଶ ହେତୁ ଷ୍ଟେସନର ଯାତ୍ରୀବାହୀ ଯାତାୟାତ ଅପେକ୍ଷାକୃତ ଭାବରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

ପ୍ରସ୍ତାବିତ ବିକାଶ ଯୋଜନାରେ ଟ୍ରେନ ଯାତ୍ରୀଙ୍କ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଅନେକ ନୂତନ ସୁବିଧା ଅନ୍ତର୍ଭୁକ୍ତ: ୩୦୦ ବର୍ଗମିଟର ବିଶିଷ୍ଟ ଏକ ନୂତନ ଷ୍ଟେସନ୍ ବିଲଡିଙ୍ଗ ନିର୍ମାଣ (ଏ + ୧) ଟ୍ରାଫିକ୍ ସଞ୍ଚାରଣରେ ଉନ୍ନତି ଏବଂ ପ୍ରଶସ୍ତ ଚଳାଚଳ କ୍ଷେତ୍ରର ସୌନ୍ଦର୍ଯ୍ୟକରଣ (୨୦୫୫ ବର୍ଗ ମିଟର), ପୃଥକ ପ୍ରବେଶ ଏବଂ ପ୍ରସ୍ଥାନ ଫାଟକ ସହିତ ଉତ୍ତମ ଟ୍ରାଫିକ୍ ସଞ୍ଚାଳନ ପାଇଁ ବ୍ୟବସ୍ଥା । ବର୍ତ୍ତମାନ ଥିବା ଷ୍ଟେସନ ବିଲ୍ଡିଂ କୁ ରୂପାନ୍ତରଣ କରାଯାଇ ୯୯୦ ବର୍ଗ ମିଟରର ନୂତନ ଷ୍ଟେସନ ବିଲଡିଙ୍ଗ ଓ ମୁଖଶାଳା । ଦୁଇ ଚକିଆ। ଯାନ, ଚାରି ଚକିଆ। ଯାନ ଏବଂ ଅଟୋ ପାଇଁ ୧୮୫୪ ବର୍ଗମିଟର ବିଶିଷ୍ଟ ଏକ ସୁଚିନ୍ତିତ ପାର୍କିଂ କ୍ଷେତ୍ର । ଷ୍ଟେସନ ପ୍ଲାଟଫର୍ମରେ ସମୁଦାୟ ୩୫ ଟି ବେ (ଆଶ୍ରୟସ୍ଥଳ) ନିର୍ମାଣ । ୧୪୦ ବର୍ଗ ମିଟରର ଏକ ପ୍ରଶସ୍ତ ଅପେକ୍ଷା ହଲ୍ । ୭୦ ବର୍ଗ ମିଟରର ପ୍ରିମିୟମ୍ ମଡ୍ୟୁଲାର୍ ଟଏଲେଟ୍ । ୧୨ ମିଟର ଚଉଡାର ଫୁଟ ଓଭର ବ୍ରିଜ୍ ପାଇଁ ବ୍ୟବସ୍ଥା । ନବୀକରଣ ହୋଇଥିବା ପ୍ଲାଟଫର୍ମ ପୃଷ୍ଠଗୁଡ଼ିକ ଗ୍ରାନାଇଟ୍ ଏବଂ ଭାରୀ-ମୋଜାଇକ୍ ଟାଇଲ୍ ଦ୍ୱାରା ନିର୍ମାଣ । । ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟରେ ୫୧% ପ୍ରଗତି ହାସଲ ହୋଇପାରିଛି।ଏହି ବିକାଶ ଉଭୟ ସ୍ଥାନୀୟ ଜନସମୁଦାୟ ଏବଂ ଶିଳ୍ପଗୁଡିକର ବୃଦ୍ଧି ପାଉଥିବା ଚାହିଦାକୁ ପ୍ରତିଫଳିତ କରି ପ୍ରମୁଖ ଷ୍ଟେସନରେ ଭିତ୍ତିଭୂମି ତଥା ଯାତ୍ରୀ ସେବା ବୃଦ୍ଧି ପାଇଁ ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ସୂଚିତ କରୁଛ।

ବାତ୍ୟା 'ଦାନା' ସମୟରେ ଜନ୍ମ ହେଲେ ୨୨୦୦ଶିଶୁ

ଭୁବନେଶ୍ୱର,୨୫/୧୦ : ବାତ୍ୟା 'ଦାନା' ପ୍ରକୋପରୁ ଜୀବନ ରକ୍ଷା ପାଇଁ ଗୁରୁବାର ରାତି ସୁଦ୍ଧା ୬ ଲକ୍ଷ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ନିରାପଦ ଭାବେ ସ୍ଥାନାନ୍ତର କରାଯାଇଛି । ୪୪୩୧ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ପ୍ରସବ ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ରାତି ସୁଦ୍ଧା ୨୨୦୦ ଗର୍ଭବତୀ ଶିଶୁ ଜନ୍ମ ଦେଇଛନ୍ତି। ୧୮ ଜଣ ମାଆ ଜାଆଁଳା ଶିଶୁ ଜନ୍ମ କରିଛନ୍ତି।ବାତ୍ୟା ସମୟରେ ରାଜ୍ୟରେ ଜନ୍ମନେଲେ ୧୬୦୦ ନବଜାତ ଶିଶୁ। ସମସ୍ତ ନବଜାତକ ଓ ମା ମାନେ ସୁସ୍ଥ ଥିବା ଜଣାପଡିଛି। ଏସଆରସିଙ୍କ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ବାତ୍ୟା ମୁକାବିଲା ସଂପର୍କିତ ସୂଚନା ଦେବା ସମୟରେ ଏଭଳି କିଛି ତଥ୍ୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ବାତ୍ୟା ପୂର୍ବରୁ ଗର୍ଭବତୀ ଓ ପ୍ରସୂତୀ ମାନଙ୍କୁ ମେଡ଼ିକାଲକୁ ଅଣାଯାଇଥିବା ବେଳେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।ଏସଆରସି କାର୍ଯ୍ୟାଳୟର ସୂଚନା ଅନୁସାରେ ୧୧ଟି ଜିଲ୍ଲାର ୬୪ଟି ବ୍ଲକର ୨୧୬୩ଟି ଗାଁ, ୧୩ଟି ସହରାଞ୍ଚଳର ୬୪ଟି ୱାର୍ଡ ବାତ୍ୟାରେ ପ୍ରଭାବିତ ହେଉଛି। ୮୬୨ କୁଇଣ୍ଟାଲ ଚୁଡ଼ା, ୯୭ କୁଇଣ୍ଟାଲ ଗୁଡ଼ ରିଲିଫ ଆକାରରେ ବଣ୍ଟା ହୋଇଛି। ଲଗାଣ ବର୍ଷା ଯୋଗୁ ୫ଶହରୁ ଅଧିକ ଗୃହ ପାଳିତ ପଶୁ ପ୍ରଭାବିତ ହୋଇଛନ୍ତି।

ସ୍ୱାଭାବିକ ହେଉଛି ବସ୍ ଓ ଟ୍ରେନ ସେବା

ଭୁବନେଶ୍ୱର, ୨୫।୧୦ : ସ୍ୱାଭାବିକ ହେଉଛି ବସ୍ ସେବା। କେଳ ଭଦ୍ରକ, ବାଲେଶ୍ୱର, ରାଜନଗର ଓ କୋଲକାତାକୁ ଛାଡ଼ି ଅନ୍ୟ ସ୍ଥାନକୁ ବସ ଯିବା ଆସିବା କରୁଛି। ଭୁବନେଶ୍ୱର ବରମୁଣ୍ଡା ବସ୍ ଷ୍ଟାଣ୍ଡରୁ ଯାତାୟାତ କରୁଛି ବସ୍। ବ୍ରହ୍ମପୁରକୁ ଭୁବନେଶ୍ୱରରୁ ୫୦ ପ୍ରତିଶତ ଗାଡି ଯିବା ଆସିବା କରୁଛି। ସେଭଳି କିଛି ଅସୁବିଧା ନାହିଁ । ସେହିପରି ବାତ୍ୟା ଦାନା ପାଇଁ ୩୦୦ ଟ୍ରେନ ବାତିଲ କରିଥିଲା ପୂର୍ବତଟ ରେଳବାଇ। ବାତିଲ ହୋଇଥିବା ଟ୍ରେନ ବ୍ୟତୀତ ଅନ୍ୟ ଟ୍ରେନ ନିର୍ଦ୍ଧାରିତ ସମୟ ଅନୁସାରେ ଚାଲିଛି। ବିଶାଖାପାଟଣା ପଟୁ ଭୁବନେଶ୍ୱର ଓ ହାୱଡ଼ା ଆଡ଼କୁ ଆସୁଥିବା ଡାଉନ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି। ଅପରାହ୍ନ ପ୍ରାୟ ୨ଟା ସମୟରେ ଖଡ଼ଗପୁର ପଟୁ ଆସୁଥିବା ଅପ୍ ଟ୍ରେନ ଭଦ୍ରକରେ ପହଞ୍ଚିବ। ପ୍ରଥମେ ଆସିବ ହାୱଡ଼ା-ବାଙ୍ଗାଲୋର ଦୂରନ୍ତ ଏକ୍ସପ୍ରେସ। ସେହିପରି ବାତିଲ ହୋଇଥିବା ଟ୍ରେନକୁ ଛାଡ଼ି ଦେଇ ଭୁବନେଶ୍ୱର ଓ ପୁରୀରୁ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ଗୁଡିକ ଚଳାଚଳ କରିଛି।

ବିମାନ ସେବା ସ୍ୱାଭାବିକ

ଭୁବନେଶ୍ୱର, ୨୫।୧୦ (ମହାଭାରତ) : ବିନା କୌଣସି ମୃତାହତରେ ବାତ୍ୟା 'ଦାନା'ର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ସକାଳ ୧୦ଟା ସୁଦ୍ଧା ଶେଷ ହୋଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁଯାୟୀ ଗୁରୁବାର ମଧ୍ୟରାତ୍ର ପରେ ୧୧୦-୧୨୦ କିଲୋମିଟର ବେଗରେ ପବନ ବହିଥିଲା। ଏହି ବାତ୍ୟା ଏବେ ଉତ୍ତର ଉପକୂଳ ଓଡ଼ିଶା ଉପରେ ୧୦ କିଲୋମିଟର ବେଗରେ କେନ୍ଦ୍ରୀଭ

ସର୍ବନିମ୍ନ ସହାୟକ ମୂଲ୍ୟ

ନିକଟରେ କେନ୍ଦ୍ର ସରକାର ୬ଟି ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ଘୋଷଣା କରିଛନ୍ତି। ୨୦୨୫-୨୬ ବର୍ଷ ପାଇଁ କ୍ୱିଂଟାଲ ପିଛା ଗହମର ସର୍ବନିମ୍ନ ସହାୟକ ମୂଲ୍ୟ ୧୫୦ଟଙ୍କା ବୃଦ୍ଧି କରିଥିବାବେଳେ ଧଳା ସୋରିଷ ୩୦୦ଟଙ୍କା, ମସୁର ୨୭୫ଟଙ୍କା, ବୁଟ ୨୧୦ଟଙ୍କା, ଜ' ୧୩୦ଟଙ୍କା ଏବଂ କୁସୁମ ୧୪୦ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି। କହିବା ବାହୁଲ୍ୟ ଯେ, ଗହମର ଏମଏସପି ବୃଦ୍ଧି ପାଇବା ପରେ ଏବେ କ୍ୱିଂଟାଲ ପିଛା ମୂଲ୍ୟ ୨୪୨୫ଟଙ୍କା ହୋଇଥିବାବେଳେ ଧଳା ସୋରିଷ ୫୯୫୦ଟଙ୍କା, ମସୁର ୬୭୦୦ଟଙ୍କା, ଜ' ୧୯୮୦ଟଙ୍କା, ବୁଟ ୫୬୫୦ଟଙ୍କା ଏବଂ କୁସୁମର କୁଇଟାଂଲ ପିଛା ମୂଲ୍ୟ ୫୯୪୦ଟଙ୍କା ହୋଇଛି। ଏହି ୬ଟି ରବି ଶସ୍ୟର ଏମଏସପି କୃଷକଙ୍କ ପାଇଁ ଉଚିତ ମୂଲ୍ୟ ସ୍ଥିର କରିବା ସହ ସେମାନଙ୍କ ଆୟ ବୃଦ୍ଧି କରିବାରେ ସହାୟକ ହେବା ନିଶ୍ଚିତ। କେବଳ ଏତିକି ନୁହେଁ ବୁଟ, ମସୁର, ଧଳା ସୋରିଷର କ୍ୱିଂଟାଲ ପିଛା ମୂଲ୍ୟ ୨୦୦ରୁ ୩୦୦ ଟଙ୍କା ବୃଦ୍ଧି ଯୋଗୁଁ ଚାଷୀ ଅଧିକରୁ ଅଧିକ ଜମିରେ ଶସ୍ୟ ଉତ୍ପାଦନ ପାଇଁ ପ୍ରୋତ୍ସାହିତ ହେବେ, ଏଥିରେ ସନ୍ଦେହ ନାହିଁ। ଏହା ନିସନ୍ଦେହ ଯେ, ବିଭିନ୍ନ କୃଷିଜାତ ଉତ୍ପାଦନର ମୂଲ୍ୟ ବୃଦ୍ଧି, କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପ୍ରସଙ୍ଗ ଆମ ଦେଶରେ ଜାତୀୟ ରାଜନୀତିକୁ ଉଜ୍ଜିବୀତ କରି ରଖିଛି। କୃଷକଙ୍କ ଆୟ ଦ୍ୱିଗୁଣିତ କହିବା ଦେଶରେ ସମସ୍ତ ଜାତୀୟ ଏବଂ ଆଂଚଳିକ ଦଳର ମୁଖ୍ୟ ପ୍ରତିଶ୍ରୁତି ହୋଇରହିଛି। ସରକାର ଉଭୟ ଖରିଫ ଓ ରବିଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତିବର୍ଷ ବୃଦ୍ଧି କରୁଛନ୍ତି, ମାତ୍ର ଏହା ଚାଷୀଙ୍କ ଆୟ ବୃଦ୍ଧି କିମ୍ବା ସମସ୍ୟା ସମାଧାନ କରିବାରେ ସହାୟକ ହୋଇପାରୁନାହିଁ। କହିବା ବାହୁଲ୍ୟ ଯେ, ବିହନଠାରୁ ଆରମ୍ଭ କରି ମଜୁରି, ଜଳସେଚନ, ଚାଷ, ବିଦ୍ୟୁତ ଏବଂ କୀଟ ନାଶକ ଔଷଧ, ସାର'ର ମୂଲ୍ୟ ପ୍ରତିବର୍ଷ ବଢିବାରେ ଲାଗିଛି। କୀଟନାଶକ ଔଷଧ ଓ ବିଭିନ୍ନ ସାର'ର ମୂଲ୍ୟ ପ୍ରତିବର୍ଷ ଏପରି ବଢିଚାଲିଛି ଯେ, ଏମଏସପି ବୃଦ୍ଧି ତା' ତୁଳନାରେ ଆଜି ସାମାନ୍ୟ ବୋଲି କହିଲେ ଭୁଲ ହୋଇନପାରେ। ସେହିପରି ଦ୍ରୁତ ଜଳବାୟ ପରିବର୍ତନର ପ୍ରଭାବ ଏବେ କୃଷି କ୍ଷେତ୍ର ଉପରେ ପଡିଛି। ଅତି ବୃଷ୍ଟି ଓ ଅନାବୃଷ୍ଟି ଯୋଗୁଁ ବ୍ୟାପକ ଶସ୍ୟ ହାନୀ ହେବା ଆମ ଦେଶରେ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଆହୁରି ମଧ୍ୟ ଶୀତଳ ଭଣ୍ଡାର ଅଭାବରୁ ଅଭାବୀ ବିକ୍ରୀ ଯୋଗୁଁ କୃଷକ ମାତ୍ରାଧିକ ଜାତି ସମ୍ମୁଖୀନ ହେଉଛି। ଚାଷଜନିତ ବ୍ୟୟ ପାଇଁ କରିଥିବା ଋଣ ପରିଶୋଧ କରିନପାରିବା ଆଶଙ୍କାରେ ଦେଶରେ ଚାଷୀ ଆତ୍ମହତ୍ୟା ବୃଦ୍ଧି ଏବେ ଉଦ୍‌ବେଗର କାରଣ ହୋଇଛି। ଚାଷୀଙ୍କୁ ଉତ୍ପାଦିତ ଶସ୍ୟର ଦେଢଗୁଣ ବା ଦୁଇଗୁଣା ଆୟ ସରକାର ଦେଉଥିବା ନେଇ କରିଥିବା ଦାବି କେବଳ ଧୂଆଁବାଣ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କହିଲେ ଅତିରଂଜିତ ହୋଇନପାରେ। ଅନ୍ୟପକ୍ଷରେ ବିଭିନ୍ନ କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଚାଷୀଙ୍କ ପାଇଁ ଯେତିକି ଉତ୍ସାହପଦ, ଖାଉଟିଙ୍କ ପାଇଁ ସେତିକି ନୈରାଶ୍ୟଜନକ ବୋଲି କୁହାଯାଇପାରେ। ଦେଶରେ ମୁଦ୍ରାସ୍ଫିତୀ ବୃଦ୍ଧି କରିବାରେ ଏହା ସହାୟକ ହେବ। ଏବେ ଦେଶରେ ଚାଉଳ, ଡାଲି, ଅଟା, ତେଲ ଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମ୍ରଗୀର ମୂଲ୍ୟ ହୁ ହୁ ହୋଇ ବଢିଚାଲିଛି। ଅଟା ଓ ଗହମଜାତ ସାମଗ୍ରୀର ମୂଲ୍ୟ ଉପର ମୁହାଁ ହୋଇଥିବାବେଳେ ଏହାର ପୁଣି ବଢିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଉଲ୍ଲେଖଯୋଗ୍ୟ ଯେ ଦେଶରେ ଗତ ପହିଲା ସୁଦ୍ଧା ବିଭିନ୍ନ ଗୋଦାମରେ ୨୩.୭୮ ମିଲିୟନ ମେଟ୍ରିକ ଟନ ଗହମ ଏବଂ ୩୮.୬୮ ମିଲିଅନ ମେଟ୍ରିକ ଟନ ଧାନ ଓ ଚାଉଳ ମହଜୁଦ ରହିଛି। ତେବେ ଦେଶରେ ବାର୍ଷିକ ପ୍ରାୟ ୨୦.୫୨ ମିଲିଅନ ମେଟ୍ରିକ ଟନ ଗହମର ଆବଶ୍ୟକତା ରହିଛି। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କେନ୍ଦ୍ର ସରକାର ଦେଶର ୮୦କୋଟି ଲୋକଙ୍କୁ ମାଗଣାରେ ମୁଣ୍ଡ ପିଛା ମାସିକ ୫କେଜି ଚାଉଳ କିମ୍ବା ଗହମ ଯୋଗାଇ ଦେଉଛନ୍ତି। ତେଣୁ ଏମଏସପି ବୃଦ୍ଧିର ପ୍ରଭାବ ଖାଉଟିଙ୍କୁ ବିଶେଷ ପ୍ରଭାବିତ କରିନପାରେ। ମାତ୍ର ଯେଉଁମାନେ ଜାତୀୟ ଖାଦ୍ୟସୁରକ୍ଷା ଯୋଜନା ବାହାରେ ରହିଛନ୍ତି। ସେମାନଙ୍କୁ ମୂଲ୍ୟ ବୃଦ୍ଧି ବାଧ୍ୟତ ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ଏହା ନିଶ୍ଚିତ ଯେ, କୃଷକ ହେଉଛନ୍ତି ଦେଶର ମେରୁଦଣ୍ଡ, ଆର୍ଥୀକ ଅଭିବୃଦ୍ଧିର ପ୍ରତୀକ। କୃଷି କ୍ଷେତ୍ରରେ ନିୟୋଜନ ଦେଶରେ ବେରୋଜଗାରୀ ସମସ୍ୟା କିଛି ମାତ୍ରାରେ ସମାଧାନ କରିବାରେ ସହାୟକ ହୋଇ ଆସୁଛି। ତେଣୁ କୀଟ ନାଶକ ଔଷଧ, ସାରରେ ରିହାତି ଦେବା ଜରୁରୀ। ସେହିପରି କୀଟ ଓ ରୋଗ ପ୍ରତିରୋଧକାରୀ, ଅତିବୃଷ୍ଟି ଓ ଅନାବୃଷ୍ଟି ସହକାରୀ ଅଧିକ ଅମଳକ୍ଷମ ବିହନ ରିହାତି ଦରରେ ଚାଷୀଙ୍କୁ ଯୋଗାଣ ସୁନିଶ୍ଚିତ କରିବା ଉପରେ ସରକାର ଧ୍ୟାନ ଦେବା ଜରୁରୀ। ମାତ୍ର ସରକାର ଏହାଠାରୁ ବହୁ ଦୂରରେ ଥିବା ମନେହୁଏ।

ଅମୂଲ୍ୟ ରତନ, 'ଦ ଟଲ୍ ଲିଡର'

ଡଃ.ଅରୁନ୍ଧତୀ ଦେବୀ

ଏ ସମ୍ପର୍କରେ ତାଙ୍କର ଚର୍ଚ୍ଚିତ ପୁସ୍ତକ 'ଦ ଟାଟାଜ : ହାଓ ଏ ଫେମିଲି ବିଲ୍ଡ ବିଜିନେସ ଆଣ୍ଡ ଏ ନେସନ'ରେ ଗିରୀଶ କୁବେର ଲେଖିଛନ୍ତି 'ରତନ ତାଙ୍କ ପାଇଁ ଏକ ସାଧାରଣ ଓ ଛୋଟିଆ କୋଠରିଟିଏ ନିର୍ମାଣ କରାଇଲେ, ଯେଉଁଠି ସେ କୌଣସି କନିଷ୍ଠ ଅଧିକାରୀଙ୍କ ସହ କଥା ହେଲାବେଳେ ବରିଷ୍ଠ ଅଧିକାରୀଗଣ ଦୈବାତ୍ ଆସି ପହଞ୍ଚିଲେ ହେଁ ସେ ସେମାନଙ୍କୁ ଅପେକ୍ଷା କରିବାକୁ କହୁଥିଲେ।' ତାଙ୍କର ସମଭାବାପନ୍ନ ଆଚରଣ ଅନେକଙ୍କୁ ବିସ୍ମିତ କରୁଥିଲେ ବି ସେ ସେଥିପାଇଁ ସଭିଙ୍କର ପ୍ରିୟପାତ୍ର ହୋଇଥିଲେ। ୧୯୬୨ରେ ଜାମସେଦପୁରସ୍ଥ ଟାଟା ଇସ୍ପାତ କାରଖାନାରେ ଜଣେ ଶିକ୍ଷାନବୀସ ଭାବେ ଯୋଗ ଦେବାଠୁ ଆରମ୍ଭ କରି ଟାଟା ଗୋଷ୍ଠୀର ଅଧ୍ୟକ୍ଷ ଦାୟିତ୍ୱରୁ ଅବ୍ୟାହିତ ନେବା ପର୍ଯ୍ୟନ୍ତ ସେ ଏହି କମ୍ପାନୀକୁ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱର ଏକ ବିଶ୍ୱସନୀୟ ବ୍ରାଣ୍ଡ ଭାବେ ଯେଭଳି ଗଢ଼ି ତୋଳିଥିଲେ ତାର ପଟ୍ଟାନ୍ତର ନାହିଁ। ବର୍ତ୍ତମାନ ଟାଟା ଛଅଟି ମହାଦେଶର ଶତାଧିକ ଦେଶରେ ଚା'ପତି, ଲୁଣଠୁ ଆରମ୍ଭ କରି ଇସ୍ପାତ, ମୋଟରଗାଡ଼ି ଓ ସଫ୍ଟୱେର ପର୍ଯ୍ୟନ୍ତ ବହୁବିଧ ନିର୍ମାଣ, ସେବା ଓ ବ୍ୟାବସାୟିକ କାର୍ଯ୍ୟ କରୁଛି। ଭାରତରେ ସୂଚନା ବିପ୍ଳବ ହେଉ କି ସଂପୂର୍ଣ୍ଣ ଦେଶୀ ଜ୍ଞାନକୌଶଳରେ ବିକଶିତ ମୋଟର ଗାଡ଼ି ନିର୍ମାଣ କରିବା ହେଉ, ରତନ ଟାଟାଙ୍କ ଦୂରଦର୍ଶିତାର ଛାପ ସବୁଠି ଦେଖିବାକୁ ମିଳେ। ରତନଙ୍କ ବିଶ୍ୱସନୀୟତା ବୃଦ୍ଧିର କାରଣ କେବଳ ତାଙ୍କର କାର୍ଯ୍ୟଶୈଳୀ ନୁହେଁ, ବଦାନ୍ୟତା ଓ ପରୋପକାରିତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କୋଭିଡ଼ ମହାମାରୀ ସମୟରେ ଟାଟା ନ୍ୟାସରୁ ତତ୍କାଳ ୫୦୦ କୋଟି ଓ ପରେ ଟାଟା କମ୍ପାନୀ ମାଧ୍ୟମରେ ପୁଣି ହଜାରେ କୋଟି ଟଙ୍କା ଦାନ ଦେବାରେ ସେ ଥିଲେ ଦେଶର ପ୍ରଥମ ଶିଳ୍ପପତି। ରତନଙ୍କ ବିୟୋଗ ଶିଳ୍ପଜଗତ ଓ ମୂଲ୍ୟବୋଧଭିତ୍ତିକ ବ୍ୟବସାୟ ପାଇଁ ଯେ ଏ ଅପୂରଣୀୟ କ୍ଷତି, ସେଥିରେ ସନ୍ଦେହ ନାହିଁ। ପଦ୍ମ ବିଭୂଷଣ ଓ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ରତନ ଟାଟା ମହାନ ଟାଟା ପରମ୍ପରାକୁ ଆଗକୁ ବଢ଼ାଇ ଏହାକୁ ବିଶ୍ୱସ୍ତରରେ ଅଧିକ ପ୍ରଭାବଶାଳୀ ଉପସ୍ଥିତି ପ୍ରଦାନ କରିଛନ୍ତି। ତାଙ୍କ ବିୟୋଗ ନିଶ୍ଚିନ୍ତ ଭାବେ ଭାରତବାସୀଙ୍କ ଏକ ବିରାଟ ବଡ଼ କ୍ଷତି। ତାଙ୍କ ସଚ୍ଚୋଟତା ଓ କରୁଣାପୂର୍ଣ୍ଣ ବ୍ୟକ୍ତିତ୍ୱ ଭବିଷ୍ୟତ ପିଢ଼ୀର କର୍ପୋରେଟ, ଉଦ୍ୟୋଗୀ ଓ ଭାରତୀୟ ମାନଙ୍କୁ ପ୍ରେରଣା ଯୋଗାଇବ। ତାଙ୍କ ଭଳି କିମ୍ବଦନ୍ତୀ ବ୍ୟକ୍ତିତ୍ୱ ସର୍ବଦା ଅମର।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ଆତ୍ମ ସାକ୍ଷାତକାରର ପ୍ରଜ୍ୱଳିତ ପ୍ରଦୀପର ମହାପାର୍ବଣ : ଦୀପାବଳୀ

ଯଶସ୍ୱିନୀ ପଟ୍ଟନାୟକ

ଦୀପାବଳିକୁ ମହାନିଶା ଏବଂ ଶୁଭରାତ୍ରି ବୋଲି ମାନ୍ୟତା ଦିଆଯାଇଛି । 'ଦୀପାବଳି' ହେଉଛି ଅନ୍ଧକାର ଉପରେ ପ୍ରକାଶ ଏବଂ ଅଜ୍ଞାନ ଉପରେ ଜ୍ଞାନର ବିଜୟ ଉତ୍ସ ବା ଏହି ଦିନ ରାତିରେ ଘରେ ଘରେ କେବଳ ସୌନ୍ଦର୍ଯ୍ୟ ପାଇଁ ଆଲୋକମାଳା ସଜଯାଏ ନାହିଁ, ଏହା ଜୀବନର ଗଭୀର ସତ୍ୟକୁ ଅଭିବ୍ୟକ୍ତ ମଧ୍ୟ କରେ । ଯେମିତି ଆଲୋକ ଅନ୍ଧକାରକୁ ଲିଭାଇଦିଏ, ସେମିତି ଜ୍ଞାନର ଆଲୋକ ଅଜ୍ଞାନ ଅନ୍ଧକାରକୁ ମଧ୍ୟ ହଟାଇଦିଏ । ହୃଦୟରେ ଜ୍ଞାନର ପ୍ରକାଶକୁ ପ୍ରଜ୍ୱଳିତ କରିବା ପାଇଁ ଏହି ଦୀପ ପର୍ବ ପାଳନ କରାଯାଏ । ପ୍ରତ୍ୟେକ ଘରେ ଜୀବନ, ପ୍ରତ୍ୟେକ ମୁହଁରେ ହସ ପାଇଁ 'ଦୀପାବଳୀ' ପାଳିତ ହୋଇଥାଏ । 'ଦୀପାବଳି'ର ଶାବ୍ଦିକ ଅର୍ଥ ହେଉଛି 'ପ୍ରକାଶର ପଂକ୍ତି' । ତ୍ରେତୟା ଯୁଗରେ ରାମ, ରାବଣକୁ ବଧ କରି ଯେଉଁ ଦିନ ଅଯୋଧ୍ୟା ଫେରିଥିଲେ ସେହିଦିନ ଥିଲା ଦୀପାବଳି । ତେଣୁ ଅଯୋଧ୍ୟାବାସୀ ଦୀପ ଜାଳି ରାମଙ୍କୁ ସ୍ୱାଗତ କରିଥିଲେ । ସେହିପରି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ନାରକାସୁରକୁ ବଧ କଲାପରେ ତାହା ପରଦିନ ବ୍ରଜବାସୀ ଦୀପ ଜାଳି ଉତ୍ସବ ପାଳନ କରିଥିଲେ । ସେହିଦିନ ଥିଲା ଦୀପାବଳି । ଅସୁର ବଧ ପାଇଁ ମା'ଦୁର୍ଗା ମହାକାଳୀ ରୂପ ଧାରଣ କରିଥିଲେ । ଅସୁର ବଧ ପରେ ମଧ୍ୟ ତାଙ୍କ କ୍ରୋଧ ପ୍ରଶମିତ ହୋଇନଥିଲା । କ୍ରୋଧକୁ ପ୍ରଶମିତ କରିବା ପାଇଁ ଭଗବାନ ଶିବ ମହାକାଳୀଙ୍କ ଚରଣ ତଳେ ଶୋଇପଡ଼ିଥିଲେ । ଏହି ସ୍ତୁତିରୁ ଶାନ୍ତି ରୂପୀ ଲକ୍ଷ୍ମୀ ପୂଜନ ଆରମ୍ଭ ହେଲା । ଦୀପାବଳି ରାତିରେ ରୁଦ୍ରରୂପୀ କାଳୀଙ୍କ ପୂଜା ବିଧାନ ରହିଛି ।

ଦୀପାବଳି ପର୍ବର ରହିଛି ସୁନ୍ଦର ଅର୍ଥ। ଦୀପ ଅର୍ଥ ଆଲୋକ ଓ ଆବଳି ଅର୍ଥ ଅନବରତ ଆଲୋକ। ଜଗତରୁ ଅନ୍ଧକାର ରୂପକ ଅନ୍ୟାୟ, ଭ୍ରଷ୍ଟାଚାର, ଦୁର୍ନୀତି ଦୂର ହୋଇ ଆଲୋକ ରୂପକ ଶାନ୍ତି ଛାୟା ବିଛେଇ ହୋଇ ରହୁ। ଏହା ହିଁ ଦୀପାବଳି ପର୍ବର ମୁଖ୍ୟ ଲକ୍ଷ୍ୟ। ରାଷ୍ଟ୍ରଭକ୍ତ, ସମାଜସେବୀମାନେ ରାଷ୍ଟ୍ର ତଥା ଦେଶର ଉନ୍ନତି ପାଇଁ ଏବଂ ସମାଜରୁ ଶତ୍ରୁ, ଅସତ୍ୟ, ଅନ୍ୟାୟକୁ ପରାଜିତ କରି ସତ୍ୟର ଆଗମନ ନିମନ୍ତେ ଦୀପ ଜାଳି ଭଗବାନଙ୍କ ନିକଟରେ କାମନା କରିଥାନ୍ତି। ପରିବାରର ଲୋକମାନେ ମଧ୍ୟ ନିଜ ଆତ୍ମୀୟଙ୍କ ଶୁଭ ମନାସୀ ଜାଳିଥାନ୍ତି ଦୀପାଳି। ଏହି ଦିନକୁ ଆତ୍ମା ସାକ୍ଷାତକାର ଦିନ ଭାବେ ମଧ୍ୟ ଗ୍ରହଣ କରାଯାଇଥାଏ। ମଣିଷ ଭିତରେ ଥିବା ସୁପ୍ତ ଚେତନାକୁ ଜାଗ୍ରତ କରିବାର ଏହା ଏକ ଅନୁପମ ପର୍ବ। ଆମର ଆଭାମଣ୍ଡଳକୁ ବିଶୁଦ୍ଧ ଓ ପରିବେଶ ସ୍ୱଚ୍ଛତା ପ୍ରତି ସତର୍କ ହେବା ପାଇଁ ମଧ୍ୟ ସନ୍ଦେଶ ଦେଇଥାଏ ଏହି ପର୍ବ। ପୂର୍ବ ପୁରୁଷଙ୍କ ଆତ୍ମାକୁ ଶାନ୍ତି ଦେବା ପାଇଁ ଏହିଦିନ ପିଣ୍ଡଦାନ କରାଯାଇଥାଏ। ପିଣ୍ଡଦାନ ପରେ ସେମାନେ ପିତୃଲୋକ ଗମନ କରନ୍ତି ବୋଲି ବିଶ୍ୱାସ କରାଯାଏ। ଏଥିପାଇଁ ପିଣ୍ଡଦାନ ପରେ ପିଣ୍ଡେଇ ଡକାଯାଏ। କାଉଁଡିଆ କାଠି, ବେରୁଆ ଓ ଘିଅରେ ପ୍ରସ୍ତୁତି ହୋଇଥାଏ ପିଣ୍ଡେଇ କାଠି। ଏଥିରେ ଅଗ୍ନି ସଂଯୋଗ କରାଯାଇ ବଡ଼ ବତୁଆଙ୍କୁ ଆହ୍ୱାନ କରାଯାଇଥାଏ। ସେମାନେ ଆଲୋକରେ

ଦିବ୍ୟଲୋକ ଗମନ କରନ୍ତୁ ବୋଲି ଲୋକମାନେ ପିଣ୍ଡେଇ ଡାକି କାମନା କରିଥାନ୍ତି। ପିଣ୍ଡେଇଁ ଡାକରେ ମଧ୍ୟ ରହିଛି ଏକ ସୁନ୍ଦର ବନ୍ଦନା। ବନ୍ଦନାଟି ଏହିପରି - 'ବଡ଼ବତୁଆ ହୋ ଅନ୍ଧାରରେ ଆସ, ଆଲୁଅରେ ଯାଅ। ଗଙ୍ଗା ଯାଅ, ଗୟା ଯାଅ, ବାଇଁଶି ପାହାଚରେ ଗଡ଼ଗଡ଼ଉଥାଅ'।

ପୌରାଣିକ କଥା କାହାଣୀ ଅନୁଯାୟୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଚଉଦ ବର୍ଷର ବନବାସ ପରେ ନିଜ ଅଯୋଧ୍ୟା ଜନ୍ମମାଟିକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ସମଗ୍ର ଅଯୋଧ୍ୟାବାସୀ ଶୁଭ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋକମାଳାରେ ଏହି ଦିନଟିକୁ ସ୍ମରଣୀୟ କରିଥିଲେ। ପରବର୍ତ୍ତୀ ସମୟରେ ସମଗ୍ର ଭାରତ ବର୍ଷରେ ଆନନ୍ଦ, ଉଲ୍ଲାସ, ଭାଇଚାରାର ମହାପାର୍ବଣ ରୂପରେ ଏହି ଦିବସଟିକୁ ପାଳନ କରାଯାଉଛି। ଆମ ପ୍ରାଚୀନତମ ସଂସ୍କୃତି ସବୁବେଳେ ଜ୍ଞାନ, ସେବା ଓ କର୍ମମୟ ଆଦର୍ଶଣୀୟ ଜୀବନର ପ୍ରଦୀପକୁ ଆମ ମାନଙ୍କ ହୃଦୟ ଭିତରେ ଚେତନାସିକ୍ତ କରି ଅହରହ ପ୍ରଦୀପକୁ ପ୍ରଜ୍ୱଳିତ କରୁଥାଏ। ତେବେ ପରବର୍ତ୍ତୀ ସମୟରେ ଏହି ଦୀପାବଳିର ଆକାର ପ୍ରକାର ଓ ବ୍ୟାପକତା ବୃଦ୍ଧି ପାଇଲା, ଶେଷରେ ଏହା ପ୍ରଦୂଷଣର ଏକ ପ୍ରମୁଖ କାରଣ ପାଲଟିଲା। ନିକଟରେ ମାନ୍ୟବର ସୁପ୍ରିମକୋର୍ଟ ସମଗ୍ର ଭାରତରେ ସବୁଜ ବାଣ ପାଇଁ ଅନୁମତି ପ୍ରଦାନ କରି ପ୍ରଦୂଷଣଯୁକ୍ତ ବାଣର ବ୍ୟବହାରକୁ ବନ୍ଦ କରିଛନ୍ତି। ଆଲୋକର ପର୍ବ ଦୀପାବଳିରେ ବାଣ ଫୁଟିଲେ ଦିଲ୍ଲୀରେ ପ୍ରଦୂଷଣ ବୃଦ୍ଧି ପାଉଛି। ଗତବର୍ଷ ଦୀପାବଳି ପରେ ଦିଲ୍ଲୀ ସହରରେ ପ୍ରଦୂଷଣର ମାତ୍ରା ଏତେ ବଢ଼ିଗଲା ଯେ ଏକ ପ୍ରକାର ବିଷାକ୍ତ ବଳୟ ସୃଷ୍ଟି ହେଲା। ଏହି ଆଲୋକର ପାର୍ବଣରେ ବାଣ ଯେଉଁପରି ରୋଗ ଓ ପ୍ରଦୂଷଣକୁ ବଢ଼ାଇଥାଏ ତାହା ଆମ ମାନଙ୍କ ପାଇଁ ଯେ କେତେ ବିପଦଜନକ ତାହା ପରବର୍ତ୍ତୀ ସମୟରେ ଜାଣିଥାଉ। ତେଣୁ ପ୍ରଦୂଷଣଯୁକ୍ତ ବାଣ ଠାରୁ ଦୂରେଇ ବରଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଦୀପାବଳି ଦିନ କିଛି ଅସହାୟ ଓ ଅନାଥ ବ୍ୟକ୍ତି ତଥା ପିଲାମାନଙ୍କୁ ଯଥାସମ୍ଭବ ସାହାଯ୍ୟ ସହଯୋଗର ହାତବଢ଼ାଇବା ଆନ୍ତରିକ ଦୀପାବଳିର ତାତ୍ପର୍ଯ୍ୟର ଗୁରୁତ୍ୱ ବୃଦ୍ଧି କରିବ।

ଜୀବନର ଅନେକ ସ୍ତର ରହିଛି । ତେଣୁ ସବୁ ସ୍ତରକୁ ଆଲୋକିତ କରିବା ଉଚିତ । ଜୀବନର ସବୁ ସ୍ତରରେ ଜ୍ଞାନ ପ୍ରକାଶର ଆବଶ୍ୟକତା ରହିଛି । ପ୍ରଜ୍ୱଳିତ ଦୀପ ହେଉଛି ସଦ୍‌ଗୁଣର ପ୍ରତୀକ । ପ୍ରତ୍ୟେକ ମଣିଷର ସଦ୍‌ଗୁଣ ରହିଛି । କେତେକଙ୍କ ମଧ୍ୟରେ ଧୈର୍ଯ୍ୟ ଅଛି, କେତେକଙ୍କ ମଧ୍ୟରେ ପ୍ରେମ, ଆଉ କେତେକଙ୍କ ମଧ୍ୟରେ ଅଛି ସଂଗଠନ କ୍ଷମତା । ଏସବୁ ହେଉଛି 'ଦୀପ' ସଦୃଶ । ଯେତେବେଳେ ବି ସେହି 'ଦୀପ'ପ୍ରଜ୍ୱଳିତ ହୋଇଯାଏ, ଜାଗୃତ ହୋଇଯାଏ, ସେତେବେଳେ ହିଁ ହୋଇଥାଏ ଦୀପାବଳି । ଦୀପ ପ୍ରଜ୍ୱଳନକୁ ନେଇ ବିଭିନ୍ନ ସ୍ଥାନରେ ବହୁ ପର୍ବ ପାଳନ କରାଯାଇଥାଏ । ଆଜିର ଏହି ପବିତ୍ର ଦିବସରେ ଆସନ୍ତୁ ସେହି ମହାନ୍ ଜ୍ୟୋତିକୁ ସ୍ୱାଗତ କରିବା ଓ ବିଶ୍ୱରୁ ଅଜ୍ଞାନର ଅମାଅନ୍ଧକାର ଦୂରେଇ ଦେବା ପାଇଁ ପ୍ରାର୍ଥନା କରି କାହାକୁ କ୍ଷତି ପହଞ୍ଚାଇବା ଠାରୁ ଦୂରେଇ ରହି ଦୀପାବଳି ଉତ୍ସବ ପାଳନ କରିବାକୁ ଶପଥ ନେବା । ଦୀପାବଳିର ପବିତ୍ର ସନ୍ଧ୍ୟାରେ ପ୍ରଜ୍ୱଳିତ ପ୍ରଦୀପକୁ ସ୍ୱାଗତ କରି କହିବା - 'ସର୍ବେ ଭବନ୍ତୁ ସୁଖିନ, ସର୍ବେସନ୍ତୁ ନିରାମୟା...' ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ,

ତ୍ରିଶଙ୍କୁ ଅବସ୍ଥାରେ ମହାନଦୀ ବ୍ୟାରେଜ ମାଷ୍ଟର ପ୍ଲାନ

ବାଦଲ ଭୂୟାଁ

ଓଡ଼ିଶାରେ ବିଜେଡ଼ି ସରକାରକୁ ପରାଜିତ କରି ନୂଆ ଡବଲ ଇଞ୍ଜିନର ବିଜେପି ସରକାର ଆସିଲା। ରାଜ୍ୟବାସୀଙ୍କୁ ଅନେକ ଆଶା ଆକାଂକ୍ଷା ମଧ୍ୟ ରଖିବା ସ୍ୱାଭାବିକ। ତେବେ ଓଡ଼ିଶାର ସବୁଠାରୁ ବଡ଼ ନଦୀ ଓ ଓଡ଼ିଆଙ୍କ ଜନଜୀବନ କୁହାଯାଉଥିବା ମହାନଦୀକୁ ନେଇ ଯେଉଁ ଆଶା ଥିଲା ତାହା ଏଯାବତ୍ କେଉଁ ସ୍ତରରେ, କେଉଁ ପର୍ଯ୍ୟାୟରେ ପହଞ୍ଚିଛି ଏହା ହିଁ ଆଜିର ଆଲୋଚନା। ଯୋଜନା ହେଲା। ବୈଷୟିକ ସ୍ଥିତିର ଅନୁଧ୍ୟାନ କରାଗଲା। ମହାନଦୀର ତଳମୁଣ୍ଡରେ ୭ଟି ବ୍ୟାରେଜ ପାଇଁ ଜଳସମ୍ପଦ ବିଗ ଅଣ୍ଟା ଭିଡ଼ିଲା। ମାଷ୍ଟର ପ୍ଲାନ ହେଲା, କିନ୍ତୁ ପ୍ରକଳ୍ପ ଆଗେଇଲାନି। ମହାନଦୀର ପାଣି ସେମିତି ସମୁଦ୍ରକୁ ବହିଯାଉଛି। ବ୍ୟାରେଜ ନିର୍ମାଣ ସହ ଅଣମୌସୁମୀ ଜଳ ପ୍ରବାହକୁ ସଂରକ୍ଷିତ କରିବାର ମାଷ୍ଟର ପ୍ଲାନ ତ୍ରିଶଙ୍କୁ ଅବସ୍ଥାରେ ଝୁଲୁଛି। ଛତିଶଗଡ଼ର ଧକ୍କା ଖାଇବା ପରେ ଓଡ଼ିଶା ସରକାର ଚେତିଲେ। ମହାନଦୀରେ ପ୍ରବାହିତ ପାଣି ସୁବ୍ୟବହାର କରିବାକୁ ଯୋଜନା କଲେ। ଛତିଶଗଡ଼ ଶୈଳୀରେ ମହାନଦୀର ତଳମୁଣ୍ଡରେ ୭ଟି ବ୍ୟାରେଜ ନିର୍ମାଣ କରି ଅଣ ମୌସୁମୀ ସମୟରେ ଜଳ ପ୍ରବାହକୁ ସଂରକ୍ଷିତ କରିବାକୁ ଯୋଜନା ପ୍ରସ୍ତୁତ ହେଲା। ଏଥିପାଇଁ ଜଳସମ୍ପଦ ବିଭାଗ ସ୍ଥାନ ମଧ୍ୟ ଚିହ୍ନଟ କଲା। ପ୍ରସ୍ତାବିତ

ଦାନାର ପ୍ରଭାବ ମଧ୍ୟମ ଧରଣର ବର୍ଷା ସହିତ ଝଟକା ପବନ

ଚାଷୀକୁଳକୁ ଆଶ୍ୱସ୍ତି

କାକଟପୁର,୨୫।୧୦(ମହାଭାରତ.): ବାତ୍ୟା ଦାନା ଉପକୂଳ ଅଞ୍ଚଳ ରେ ତାଣ୍ଡବ ରଚିବାକୁ ଥିବାବେଳେ, ତା'ର ଗତିବିଧି କୁ ତୀକ୍ଷ୍ଣ ନଜର ରଖିଥିଲେ ପ୍ରଶାସନିକ ଅଧିକାରୀ, ମନ୍ତ୍ରୀ ଙ୍କ ଠାରୁ ଆରମ୍ଭ କରି ଜନସାଧାରଣ । ବିଭିନ୍ନ ଗଣମାଧ୍ୟମ ରେ ବାତ୍ୟା ର ଟିକନିକ ଖବର କୁ ନଜର ରଖିଥିଲେ ଉପକୂଳ ବାସୀ । ଯେହେତୁ ପୁରୀ ଜିଲ୍ଲା ରେଡ ଜୋନ ମଧ୍ୟରେ ଥିଲା ସମସ୍ତେ ଆତଙ୍କିତ ଅବସ୍ଥାରେ ଥିଲେ ।ବାତ୍ୟା ମୁକାବିଲା ପାଇଁ କାକଟପୁର ବ୍ଲକ ପ୍ରଶାସନ ପୂର୍ବ ପ୍ରସ୍ତୁତି କରିଥିବା ବେଳେ, ଡେପୁଟି ସିଏମ ପ୍ରଭାତୀ ପରିଡା ଙ୍କ ସମ୍ଭାବ୍ୟ ବାତ୍ୟା ପ୍ରଭାବିତ ଅଞ୍ଚଳ ସହିତ ବାତ୍ୟା ଆଶ୍ରୟସ୍ଥଳ ତଦାରଖ କରି ଶୁଖିଲା ଖାଦ୍ୟ, ଶିଶୁ ମାନଙ୍କ ପାଇଁ ଖାଦ୍ୟ,ଗର୍ଭବତୀ ମହିଳାଙ୍କୁ ନିରାପଦ ପ୍ରସବକାଳୀନ ସହାୟତା, ପାନୀୟ ଜଳ ର ସୁବନ୍ଦୋବସ୍ତ, କ୍ୟାଣ୍ଟେଲ, ଗୃହପାଳିତ ପଶୁ ମାନଙ୍କ ରହିବା ବ୍ୟବସ୍ଥା ସହିତ ଗୋଖାଦ୍ୟର ସୁବନ୍ଦୋବସ୍ତ ଏବଂ ତତପରେ ପୋଲିସ ପାଟ୍ରୋଲିଙ୍ଗ କୁ କଡାକଡି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅଞ୍ଚଳ ରେ ଶୁକପୋଖରୀ, ହରିଦାସପୁର, ସୁହାଗପୁର, ରୁଙ୍କେଇ, ଧନିତ୍ରୀ, ଆଭୁଆଳ ଆଦି ୯ ଟି ବାତ୍ୟା ଆଶ୍ରୟସ୍ଥଳ ସମେତ ୩୩ ଟି ଅସ୍ଥାୟୀ ଆଶ୍ରୟସ୍ଥଳ ର ବ୍ୟବସ୍ଥା କରାଯାଇଥିଲା ।

ଏଥି ସହିତ ୧୪୮ ଟି ସ୍କୁଲ ଗୃହ କୁ ମଧ୍ୟ ପ୍ରସ୍ତୁତ ରଖାଯାଇଥିଲା ।ପ୍ରାୟ ୬ ହଜାର ରୁ ଉର୍ଦ୍ଧ୍ୱ ପ୍ରଭାବିତ ଙ୍କୁ ସ୍ଥାନାନ୍ତରିତ ମଧ୍ୟ କରାଯାଇଥିଲା । ରାତ୍ରି ସାରା ପ୍ରଶାସନିକ ଅଧିକାରୀ ମାନେ ସମ୍ଭାବ୍ୟ ପ୍ରଭାବିତ ତଳିଅଂଚଳ ସହିତ, ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡିକୁ ଘନ ଘନ ପରିଦର୍ଶନ କରିଥିଲେ କ୍ଷ ସେମାନଙ୍କ ମଧ୍ୟରେ ତହସିଲଦାର ଅଙ୍କିତା ଆନନ୍ଦିତା, ବିଡ଼ିଓ ବିଷ୍ଣୁ ଗୋବିନ୍ଦ, ଗ୍ରାମ ପଞ୍ଚାୟତ ଅଧିକାରୀ ସୁବ୍ରତ ପରିଡା, ଯୋଗାଣ ଅଧିକାରୀ ସୁଧାକର ମଲ୍ଲିକ ପ୍ରମୁଖ ବାତ୍ୟା କୁ ତୀକ୍ଷ୍ଣ ନଜର ରଖିଥିଲେ ।

ପାଣିପାଗ ବିଶେଷଜ୍ଞ ଙ୍କ ପୂର୍ବାନୁମାନ ଅନୁସାରେ ବାତ୍ୟା ଦାନା ମଧ୍ୟ ରାତ୍ର ପରେ ସ୍ଥଳଭାଗ ଛୁଇଁବା ସମୟରେ କାକଟପୁର ତଥା ନିକଟସ୍ଥ ଅଂଚଳ ରେ ୫୦ ରୁ ୬୦ କିଲୋମିଟର ବେଗରେ ପବନ ବହିବା ସହିତ ମଝିରେ ମଝିରେ ପବନ ଝଟକା ଦେଖାଦେବା ସହିତ ମଧ୍ୟମ ଧରଣର ବର୍ଷା ପରିଲକ୍ଷିତ ହୋଇଥିଲା ।ପୂର୍ବ ରୁ ବହୁ ବାତ୍ୟା ର ସମ୍ମୁଖୀନ ହୋଇଥିବା ଆତଙ୍କିତ ଜନସାଧାରଣ ରାତ୍ରି ଉଜାଗର ରହି ଠାକୁର ଙ୍କୁ ପ୍ରାର୍ଥନା କରୁଥିବା ଦେଖିବାକୁ ମିଳିଥିଲା ।ସୋଭାଗ୍ୟ ର କଥା ଲୋକଙ୍କ ପ୍ରାର୍ଥନା ବୋଧେ ଠାକୁର ଙ୍କ କର୍ଣ୍ଣପାତ ହେଲା । ଟଳିଗଲା ବାତ୍ୟା ର ବିଭୀଷିକା ।ସମଗ୍ର ଅଞ୍ଚଳ ରେ ଖୁସିର ଲହରୀ ଖେଳି ଯାଇଥିଲା । ଲକ୍ଷ ଲକ୍ଷ ଟଙ୍କା ଧାନ, ପାନ ରେ ଖର୍ଚ୍ଚ କରି ଚିନ୍ତା ରେ ଥିବା ଚାଷୀ କୁ ଆଶ୍ୱସ୍ତି ମିଳିଛି କ୍ଷ କିଛି ବଡ଼ ଧରଣର କ୍ଷୟକ୍ଷତି ନ ହୋଇଥିଲେ ମଧ୍ୟ,ପ୍ରଶାସନିକ ଅଧିକାରୀ ଙ୍କ ପୂର୍ବ ପ୍ରସ୍ତୁତି, ତା'ଙ୍କ କାର୍ଯ୍ୟ ଦକ୍ଷତା, ରାତ୍ରି ତମାମ ପ୍ରଭାବିତ ଅଞ୍ଚଳ ରେ ଲୋକମାନଙ୍କ ସହିତ ସହଭାଗିତା କୁ ସାଧାରଣରେ ପ୍ରଶଂସା କରିଛନ୍ତି ।

ଯାଜପୁର ଜିଲ୍ଲାରେ ବାତ୍ୟା ଦାନା ଲ୍ୟାଣ୍ଡ ଫଲ ପରେ ପ୍ରଭାବ

ଶିବିରାର୍ଥି ମାନଙ୍କୁ ରିଲିଫ ଓ ସମସ୍ତ ପ୍ରକାରର ବ୍ୟବସ୍ଥା ଲାଗି ନିର୍ଦ୍ଦେଶ

ଯାଜପୁର/ ବଡଚଣା , ୨୫।୧୦,(ମହାଭାରତ): ସାମୁଦ୍ରିକ ବାତ୍ୟା' ଦାନା ର ଲ୍ୟାଣ୍ଡ ଫଲ୍ ର'ପ୍ରଭାବ ରେ ଯାଜପୁର ଜିଲ୍ଲା ରେ ପବନ ଓ ବର୍ଷା ଗତକାଲି ଠାରୁ ଲାଗିରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଲଗାତାର ବାତ୍ୟା ସମ୍ପର୍କିତ ସତର୍କ ସୂଚନା ଦିଆଯାଉଛି । ଜିଲ୍ଲା ଜରୁରୀ ବିଭାଗରେ ୨୪ ଘଣ୍ଟିଆ । ନିୟନ୍ତ୍ରଣ କକ୍ଷ (୦୬୭୨୮-୨୨୨୬୪୮) ଖୋଲା ଯାଇଛି ।

ଜିଲ୍ଲାପାଳ ଶ୍ରୀମତୀ ପି. ଅନେଷ୍ୱା ରେଡ୍ଡୀ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ଦେଖି ଥିବା ବେଳେ ସମ୍ପର୍କରେ ପଚାରି ବୁଝିଥିଲେୟ ଆଭାସୀ ମାଧ୍ୟମରେ ସମସ୍ତ ବି.ଡି.ଓ ଓ ତହସିଲଦାର ମାନଙ୍କ ସହିତ ସ୍ଥାନାନ୍ତରିତ ଲୋକମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେୟ ଯେଉଁମାନଙ୍କର କଚା ଘର, କିମ୍ବା ଘରର ଅବସ୍ଥା ଠିକ୍ ନାହିଁ ସେମାନଙ୍କୁ ଆଶ୍ରୟସ୍ଥଳୀରୁ ନ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ । ଆସନ୍ତା କାଲି ପର୍ଯ୍ୟନ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବ । ତହସିଲଦାର ମାନଙ୍କ ଟିମ୍ ଅଞ୍ଚଳ ପରିଦର୍ଶନ କରି ଆବଶ୍ୟକତା ଥିବା ଲୋକମାନଙ୍କୁ ପଲିଥିନ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ । କୃଷି ବିଭାଗ ସୂଚନା ଅନୁଯାୟୀ ଜିଲ୍ଲାରେ ୧୪୦୨୦ ହେକ୍ଟର ଧାନ ଜମି, ୩୩୦୬ ହେକ୍ଟର ଅଣଧାନ, ୩୪୦ ହେକ୍ଟର ଉଦ୍ୟାନ କୃଷି (ପନିପରିବା) ଏହିପରି ମୋଟ ୧୭,୬୬୬ ହେକ୍ଟର ଜମି ବର୍ଷା ଜଳ ଦ୍ୱାରା ପ୍ରଭବିତ ହୋଇଛି । ଜିଲ୍ଲାରେ ୧୮,୩୪୧ ଟି ନଳକୂପ କାର୍ଯ୍ୟକ୍ଷମ ଅଛି । ୫୦୦୦ ଲିଟର ୧୬ ଟି ଟ୍ୟାଙ୍କର ମଧ୍ୟରେ ପାନୀୟ ଜଳ ଯୋଗାଇ ଦିଆଯାଉଛି । ୫୩ ଟି ପି.ଭି.ସି. ଟ୍ୟାଙ୍କ ଭେଇକିଲ୍ ମାଧ୍ୟମରେ ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳ ଆବଶ୍ୟକ ସ୍ଥଳେ ଯୋଗାଇ ଦିଆଯାଉଛି । ୪୬୪ ଟି ପାଇପ ୱାଟର ସପ୍ଲାଏ ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ଅଛି । ୭୯ ଟି ଡିଜି ସେଟ୍ ପାୱାର ବ୍ୟାକ ଅପ ପାଇଁ ମହଜୁଦ ରହିଛି । ୨୫ ତାରିଖ ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ବାତ୍ୟା ପ୍ରଭାବରେ ଜିଲ୍ଲାର ୧୦ ଟି ବ୍ଲକ୍ ୩୧୧ ଟି ପଞ୍ଚାୟତର ୧୨୧୧ ଟି ଗାଁ ପ୍ରଭାବିତ ହୋଇଛି । ୧୦,୩୦,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି । ଅପରାହ୍ନ ସୁଦ୍ଧା ୫୮,୭୧୦ ଜଣ ଲୋକଙ୍କୁ ୬୧୪ ଟି ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି । ସେମାନଙ୍କ ମଧ୍ୟରୁ ବୟସ୍କ ୪୬,୯୬୮ ଜଣ ଏବଂ ଶିଶୁ ୧୧,୭୪୨ ଜଣ । ଜିଲ୍ଲାରେ ୪୨୫ ଟି ରିଲିଫ୍ ସେଣ୍ଟର୍ ରେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ୨ ଦିନ ପାଇଁ ମାଗଣା ରନ୍ଧା ଖାଦ୍ୟ ପ୍ରଦାନ କରିବାକୁ ଅନୁମୋଦନ ହୋଇଛି ।

କୌଣସି ଲୋକ ମୃତାହତ ହୋଇ ନଥିବାବେଳେ ୩ ଟି ସ୍ଥାନରେ ଗଛ ଭାଙ୍ଗି ପଡିଛି । ୫୮୭୭ ଟି ଗୋରୁ ଗାଈ ପ୍ରଭାବିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨୨୭୦ ବଡ଼ ପ୍ରାଣୀ ଓ ୧୬୦୭ ଟି କ୍ଷୁଦ୍ର ପ୍ରାଣୀ ଅଛନ୍ତି । ବାତ୍ୟା ପ୍ରଭାବରେ ୩୭୬ ଟି କଚା ଘର ଅଳ୍ପ ପରିମାଣ ରେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୩ ଟି କଚା ଘର ସଂପୂର୍ଣ୍ଣ ରୂପେ କ୍ଷତି ଗ୍ରସ୍ତ ହୋଇଛିୟତନ୍ମଧ୍ୟରୁ ବରୀ ବ୍ଲକରେ ୧ ଟି, ବିଂଝାରପୁର ବ୍ଲକରେ ୩ ଟି, ଦଶରଥପୁର ବ୍ଲକରେ ୪ ଟି, ଯାଜପୁର ବ୍ଲକରେ ୧ ଟି ଏବଂ ରସୁଲପୁର ବ୍ଲକରେ ୧ ଟି କଚା ଘର କ୍ଷତି ଗ୍ରସ୍ତ ହୋଇଛି ।ଆଜି ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ୫୨ କୁଇଣ୍ଟାଲ୍ ଚୂଡ଼ା, ୧ କୁଇଣ୍ଟାଲ ଗୁଡ଼, ୫୦ ଟି ପଲିଥିନ ରୋଲ୍ ବଣ୍ଟନ କରାଯାଇଛି । ଜିଲ୍ଲାରେ ୨୦ ଟି ମେଡିକାଲ ଟିମ୍ ଓ ୧୦ ଟି ପ୍ରାଣୀ ସଂପଦ ଟିମ୍ ପ୍ରଭାବିତ ଅଞ୍ଚଳରେ ନିୟୋଜିତ ହୋଇଛନ୍ତି ।

ବାତ୍ୟା ପ୍ରଭାବରେ ଜିଲ୍ଲାରେ ବର୍ଷାର ପରିମାଣ ଯାଜପୁର ବ୍ଲକରେ ୬୦ ମି.ମି., ବିଂଝାରପୁର ବ୍ଲକରେ ୬୦ ମି.ମି., ଦଶରଥପୁର ବ୍ଲକରେ ୫୫ ମି.ମି., ଦାନଗଦି ବ୍ଲକରେ ୨୫ ମି.ମି., ରସୁଲପୁର ବ୍ଲକରେ ୩୫.୨ ମି.ମି., ଧର୍ମଶାଳା ବ୍ଲକରେ ୪୦ ମି.ମି., ବଡ଼ଚଣା ବ୍ଲକରେ ୩୭ ମି.ମି., ବରୀ ବ୍ଲକରେ ୫୨ ମି.ମି., କୋରେଇ ବ୍ଲକରେ ୨୬.୨ ମି.ମି. ରହିଥିବାବେଳେ ସୁକିନ୍ଦା ବ୍ଲକରେ ବର୍ଷାର ପରିମାଣ ୩ ମି.ମି. ରହି ଥିବା ସରକାରୀ ଭାବେ ସୂଚନା ଦିଆ ଯାଇଛି ।

ଅଖାବସ୍ତାରେ ମହିଳାଙ୍କ ଶବ ଉଦ୍ଧାର

ଝାରସୁଗୁଡ଼ା : ରେଳ ୱାଗନ ଭିତରୁ ଅଖାବସ୍ତାରେ ଭର୍ତ୍ତି ଥିବା ମହିଳାଙ୍କ ଶବ ଉଦ୍ଧାର ।ଝାରସୁଗୁଡ଼ା ଜିଲ୍ଲା ସ୍ଥିତ ଏମସିଏଲ ଲଖନପୁର ଖଣିକ୍ଷେତ୍ରର ବିଓସିଏମ ସାଇଡିଙ୍ଗ ନମ୍ବର ୩କୁ କୋଇଲା ନେବା ପାଇଁ ଆସିଥିବା ରେଳ ଗାଡ଼ିର ୱାଗନରୁ ଅଖା ବସ୍ତାରେ ଭର୍ତ୍ତି ଥିବା ମହିଳାଙ୍କ ଶବ ଉଦ୍ଧାର ହୋଇଛି । ଝାରସୁଗୁଡ଼ା ଜିଲ୍ଲା ପୁଲିସ, ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମହିଳାଙ୍କ ପରିଚୟ ମିଳିନଥିବାବେଳେ ଛତିଶଗଡ଼ ଅଗଲତାରାରୁ କୋଇଲା ନେବା ପାଇଁ ବିଓସିଏମ ସାଇଡିଂ ନମ୍ବର ୩କୁ ଏହି ରେଳ ଗାଡ଼ିଟି ଆସିଥିବା ଜଣାପଡିଛି ।

ପୂର୍ବତନ ବିଧାୟକ ମକରଧ୍ୱଜ ପ୍ରଧାନଙ୍କ ପରଲୋକ

ଝାରସୁଗୁଡ଼ା ୨୫।୧୦(ମହାଭାରତ): ପୂର୍ବତନ ବିଧାୟକ ମକରଧ୍ୱଜ ପ୍ରଧାନଙ୍କ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୨ ବର୍ଷ ବୟସ ହୋଇଥିଲା । ଝାରସୁଗୁଡ଼ା ଜିଲ୍ଲା ବାଘମୁଣ୍ଡା ସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ହୋଇଛି । ପୂର୍ବତନ ବିଧାୟକ ମକରଧ୍ୱଜ ୧୯୨୪ ମସିହା ଜାନୁଆରୀ ୧୪ ତାରିଖରେ ଜନ୍ମଗ୍ରହଣ କରିଥିଲେ । ୧୯୫୨ ମସିହାରେ ଓଡିଶାର ପ୍ରଥମ ସାଧାରଣ ନିର୍ବାଚନରେ ମୁରା-ଅମ୍ବାଭନା ନିର୍ବାଚନ ମଣ୍ଡଳୀରୁ ବିଧାୟକ ହୋଇଥିଲେ । ୧୯୫୭ ମସିହା ଯାଏଁ ଗୃହର ସଦସ୍ୟ ଥିଲେ ମକରଧ୍ୱଜ ପ୍ରଧାନ । ମକରଧ୍ୱଜ ପ୍ରଧାନଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

ଜଳେଶ୍ୱରର ବିଭିନ୍ନ ୱାର୍ଡରେ ଶୁଖିଲା ଖାଦ୍ୟ ବଣ୍ଟନ

ଜଳେଶ୍ୱର,୨୪/୧୦(ନିପ୍ର)- ଜଳେଶ୍ୱର ସହରର ବଡ଼ବଜାର ଠାରେ ଅବସ୍ଥିତ ଟାଉନ୍ ସରକାରୀ ଉଚ୍ଚ ବିଦ୍ୟାଳୟ ବାତ୍ୟା ଆଶ୍ରୟ ସ୍ଥଳୀରେ ରହୁଥିବା ୱାର୍ଡ ନମ୍ବର ୧୧ ଏବଂ ୱାର୍ଡ ନମ୍ବର ୫ର ବାସିନ୍ଦାମାନଙ୍କୁ ଜଳେଶ୍ୱର ପୌରପାଳିକାର ନଗରପାଳ ପ୍ରତୀପ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁଖିଲା ଖାଦ୍ୟ ବଣ୍ଟନ କରାଗଲାୟ ଏହି ସମୟରେ ୱାର୍ଡ ନମ୍ବର ୧୧ କାଉନସିଲର ସୁଷମା କର, ୱାର୍ଡ ନମ୍ବର ୧୧ କାଉନସିଲର ପ୍ରତିନିଧି ଆନନ୍ଦ କର, ୱାର୍ଡ ନମ୍ବର ୫ କାଉନସିଲର ପ୍ରତିନିଧି ସୁଶାନ୍ତ ସାହୁ ଉପସ୍ଥିତ ଥିଲେୟଅନୁରୂପ ଭାବେ ଶେଖବାର୍ଡ ଉପ୍ରା ବିଦ୍ୟାଳୟରେ ମଧ୍ୟ ଆଶ୍ରୟ ନେଇଥିବା ପୁରୁଷ, ମହିଳା ଓ ଛୋଟ ଛୋଟ ପିଲାମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛିୟ

ସେହିପରି ବାତ୍ୟା ଦାନାର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବଂ ଜଳେଶ୍ୱର ବିଜେପିର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ନେତା ବ୍ରଜମୋହନ ପ୍ରଧାନଙ୍କ ଆହ୍ୱାନ କ୍ରମେ ଜଳେଶ୍ୱର ମ୍ୟୁନସିପାଲିଟି ଅନ୍ତର୍ଗତ ବିଭିନ୍ନ ୱାର୍ଡ ଗୁଡ଼ିକରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ରାଜ୍ୟ ସରକାରଙ୍କ ତରଫରୁ ହୋଇଥିବା ବ୍ୟବସ୍ଥାର ତଦାରଖ କରିବା ସହିତ ସିଧାସଳଖ ଲୋକମାନଙ୍କ ସହିତ ବରିଷ୍ଠ ବିଜେପି ନେତା ସମୀର ପାତ୍ର, କାଉନସିଲର ଚନ୍ଦନ ଦାସ,ଯୁବନେତା ରାଜେଶ ଖଟୁଆ, ସେକ ହସିରୁଦ୍ଦିନ ବକ୍ସ, ଅଶ୍ୱିନୀ କୁମାର ନାଥ ପ୍ରମୁଖ ଆଲୋଚନା କରିଛନ୍ତିୟ

ନେଟୱାର୍କ ଫେଲ ଯୋଗୁଁ କୃଷି, ଉଦ୍ୟାନ ବିଭାଗ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା

ଖଣ୍ଡପଡା,୨୫।୧୦(ମହାଭାରତ) ଅନଲାଇନ ବ୍ୟବସ୍ଥା ଉପରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡିକ ଏବେ ନିର୍ଭର କରୁଥିବା ବେଳେ ନେଟୱାର୍କ ଫେଲ ଯୋଗୁଁ ଖଣ୍ଡପଡା କୃଷି, ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଓ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମୟରେ ଅଚଳାବସ୍ଥା ସୃଷ୍ଟି ହେଉଛି । ଉକ୍ତ ୩ଟି ସରକାରୀ କାର୍ଯ୍ୟାଳୟ ନେଟୱାର୍କ ଠାରୁ ଅପହଁଚ ଦୁରତାରେ ରହୁ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଜଣାପଡିଛି । ଖଣ୍ଡପଡା ସହରର ଉପକଣ୍ଠରେ ରହିଛି କୃଷି ଓ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ । ନିୟମିତ ଭାବରେ ନେଟୱାର୍କ ରହୁ ନଥିବାରୁ ଅନଲାଇନ ଯୋଗେ ସରକାରୀ କାର୍ଯ୍ୟ ତୁଲାଇବା ପାଇଁ କର୍ମଚାରୀମାନଙ୍କୁ ବିଶେଷ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ବୋଲି ଖଣ୍ଡପଡା ବ୍ଲକ କୃଷି ଅଧିକାରୀ ଭବାନୀ ଶଂକର ମିଶ୍ରଙ୍କ ଠାରୁ ପ୍ରକାଶ । ସେହିପରି ଉଦ୍ୟାନ ବିଭାଗ ଅଧିକାରୀ କାଳନ୍ଦୀ ଚରଣ ବାରିକ ମଧ୍ୟ ସମାନ କଥା କହିଛନ୍ତି । ଉଭୟ ଅଧିକାରୀ ଅନଲାଇନରେ ବିକଳ୍ପ ବ୍ୟବସ୍ଥା ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ହେଁ ଅଦ୍ୟାବଧି କୌଣସି ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇ ନଥିବାରୁ କାର୍ଯ୍ୟାଳୟ ପରିଚାଳନାରେ ପ୍ରଶାସନିକ ଅବ୍ୟବସ୍ଥା ଦେଖା ଦେଉଛି । ଖଣ୍ଡପଡା ସହରର ୧୨ ନଂ ୱାର୍ଡରେ ଅବସ୍ଥିତ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ

ବିକଳ୍ପ ବ୍ୟବସ୍ଥା ଦାବି

ନେଟୱାର୍କ ରହୁ ନଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ସେଠାରେ କାର୍ଯ୍ୟରତ ଡ଼ାକ୍ତର, ଷ୍ଟାଫନର୍ସ ଓ କର୍ମଚାରୀମାନେ ବିଶେଷ ଅସୁବିଧାର ସମ୍ମୁଖିନ ହେଉଥିବା ଜଣାପଡ଼ିଛି । ଖାଲି ସେତିକି ନୁହେଁ ରୋଗୀଙ୍କ ସଂପର୍କୀୟମାନେ ମଧ୍ୟ ବିଭିନ୍ନ ସମୟରେ ଡ଼ାକ୍ତରଙ୍କ ସହ ପରାମର୍ଶ କରିବାରୁ ବଂଚିତ ହେଉଥିବା ଜଣାପଡିଛି । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମୋବାଇଲ ଫୋନ ଲାଗୁ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ମୁଖ୍ୟ ରାସ୍ତା ଉପରକୁ ଆସିଲେ ଯାଇ ବିଭିନ୍ନ କଂପାନୀର ନେଟୱାର୍କ ସେବା ଉପଲବ୍ଧ ହେଉଥିବା ଜଣାପଡଛି । ଏପରି ପରିସ୍ଥିତି ସଂପର୍କରେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଅଭିଷାର ପଣ୍ଡା ଜିଲ୍ଲା ମୁଖ୍ୟ ଚିକିତ୍ସାଧାରୀ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ ହେଁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଜଣାପଡିଛି । ତେବେ ନେଟୱାର୍କ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରା ନଗଲେ ଅଂଚଳବାସୀ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଂଚିତ ହେବାର ଆଶଙ୍କା ପ୍ରକାଶ ପାଇଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

୨୮ ଯାଏଁ ଶିମିଳିପାଳ ବନ୍ଦ

ବାରିପଦା, ୨୫।୧୦ (ମହାଭାରତ): ସାମୁଦ୍ରିକ ଝଡ଼ ବାତ୍ୟା 'ଦାନା' ଓଡ଼ିଶା ଉପକୂଳରେ ଗୁରୁବାର-ଶୁକ୍ରବାର ରାତିରେ ଲ୍ୟାଣ୍ଡଫଲ୍ କରିଛି । ଏହାର ପ୍ରଭାବରେ ଆଜି ଦିନସାରା ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେଉଛି । ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବର୍ଷା ଯୋଗୁଁ କିଛି ସ୍ଥାନରେ ଲୋକେ ଘରୁ ବାହାରି ପାରି ନାହାନ୍ତି । ଶିମିଳିପାଳ ଅଭୟାରଣ୍ୟରେ ମଧ୍ୟ ସମାନ ଅବସ୍ଥା । ବାତ୍ୟା ଯୋଗୁଁ ଶିମିଳିପାଳ ଅଭୟାରଣ୍ୟକୁ ଗତ ୨୩ ତାରିଖ ଠାରୁ ପର୍ଯ୍ୟଟକମାନଙ୍କର ପ୍ରବେଶ ବାରଣ ରହିଛି । ଏବେ ଶିମିଳିପାଳ ଅଭୟାରଣ୍ୟ ଆହୁରି ୩ ଦିନ ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରହିବ । ଶିମିଳିପାଳ ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି । ଏଥିରେ କୁହାଯାଇଛି ଯେ, ଅକ୍ଟୋବର ୨୬ରୁ ୨୮ ତାରିଖ ଯାଏଁ ଶିମିଳିପାଳ ବନ୍ଦ ରହିବ । ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ଶିମିଳିପାଳ ଅଭୟାରଣ୍ୟ ଆହୁରି ୩ ଦିନ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ବର୍ତ୍ତମାନ ପରିପ୍ରେକ୍ଷୀରେ ଏହି ଅଭୟାରଣ୍ୟ ଗତ ୨୩ ତାରିଖ ଠାରୁ ବନ୍ଦ ରହିଛି ।

ଶଳାକୁ ତଣ୍ଟି କାଟି ହତ୍ୟା ପରେ ଭିଣୋଇ ଗିରଫ

ଭୁବନେଶ୍ୱର,୨୫।୧୦(ମହାଭାରତ) : ନିଜ ଶଳାକୁ ତଣ୍ଟି କାଟି ଅତି ବିଭତ୍ସ ଭାବେ କାଟି ହତ୍ୟା କରିବା ଅଭିଯୋଗରେ ଚନ୍ଦକା ଥାନା ପୁଲିସ ଆଜି ଅଭିଯୁକ୍ତ ଭିଣୋଇକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଭିଣୋଇ ଲକ୍ଷ୍ମୀଧର ଦାସ(୫୯)ଙ୍କ ଠାରୁ ପୁଲିସ ହତ୍ୟାରେ ବ୍ୟବହୃତ ରକ୍ତ ଲଗା ଛୁରୀକୁ ମଧ୍

ମହାଭାରତ
ଅଞ୍ଚଳ କଥା
ଆପଣା ମାଟିର କଥା ଓ ବ୍ୟଥା

ଶିଶୁଯତ୍ନ ଅନୁଷ୍ଠାନର ଶିଶୁଙ୍କ ପ୍ରତିଭା ବିକାଶ ନିମନ୍ତେ ଉତ୍ସାହ ଓ ମହକ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୨୫।୧୦(ମହାଭାରତ): ଅ।ଜି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ,ଗଜପତି ତରଫରୁ ଜିଲ୍ଲାରେ ଥିବା ୫ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁ ମାନଙ୍କ ମଧ୍ୟରେ କ୍ରୀଡ଼ାର ବିକାଶ ନିମନ୍ତେ ଗଜପତି ଷ୍ଟାଡ଼ିଅମ୍ ଠାରେ ବିଭିନ୍ନ ଖେଳ ପ୍ରତିଯୋଗିତା ଉତ୍ସାହ ଅନୁଷ୍ଠିତ ହୋଇଥିବା ବେଳେ ଲୁକ୍କାୟିତ ହୋଇ ରହିଯାଉଥିବା କଳାର ବିକାଶ ନିମନ୍ତେ ଶିଶୁ ମହୋତ୍ସବ ମହକ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି ଏଥିରେ ପାଞ୍ଚ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନ ଯଥା ଡ଼େଷ୍ଟାର ହୋମ୍, ଜରାଉ,ମୋହନା, ଜଗନ୍ନାଥ ନିକେତନ, ଅ।ର୍.ସିତାପୁର, ନିସାନ ସାଲୋମ, ଗୁମ୍ଫା, ଉତ୍କଳ ବାଳାଶ୍ରମ, ଗଜପତି ଓ ପ୍ରାଉଡ଼, ବି.ସୀତାପୁର ଅନୁଷ୍ଠାନର ୧୦୦ ରୁ ଉର୍ଦ୍ଧ୍ୱ ଶିଶୁ ଭାଗନେଇଥିଲେ।

ଅ।ଜିର ସମାରୋହକୁ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ଏବଂ ପିଲାମାନଙ୍କୁ ଉତ୍ସାହିତ କରିବା ସହ ଏହିପରି ପ୍ରତିଯୋଗିତା ପିଲାମାନଙ୍କୁ ଜୀବନରେ ବହୁତ ଅ।ଗକୁ ବଢ଼ାଇବା ସହ ଜିଲା ଓ ରାଜ୍ୟର ନା ରଖିବାକୁ ସୁଯୋଗ ତିଆ।ରି କରିବ ।

ଉଦଯାପନୀ ସମାରହୋରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ନ୍ୟାୟାଳୟର ଜିଲ୍ଲା ଦୌରା ଜଜ୍ ପ୍ରଣବ କୁମାର ରାଉତରାୟ ଉପସ୍ଥିତ ରହି ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ କଳାର ବିକାଶ ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ଏବଂ ସହଯୋଗ ଅ।ଜିର ଦିନରେ ରହିଛି ବୋଲି ଅଭିବ୍ୟକ୍ତ କରିଥିଲେ ଏବଂ କହିଥିଲେ ଯେ ପିଲାମାନେ କେବେହେଲେ ଭାବିବେ ନାହିଁ ଯେ ଅ।ପଣଙ୍କର କେହି ନାହାନ୍ତି ସମ୍ମାନିତ ଅତିଥି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାସ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହ ଭବିଷ୍ୟତରେ ପିଲାମାନେ କଣ କରିବାକୁ ଚାହାନ୍ତି ବୋଲି ପଚାରି ବୁଝିଥିଲେ ଏବଂ ପରାମର୍ଶ ଦେଇଥିଲେ ଯେ ଜୀବନର ଲକ୍ଷ୍ୟ କୁ ପୂରଣ କରିବାକୁ ହେଲେ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ପଡ଼ିବ।

ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପାଣିଗ୍ରାହୀ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ଅର୍ଚ୍ଚନା ମଙ୍ଗରାଜ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମହାପାତ୍ର, ଅ।ର୍.ଏମ୍.ସି. ର ସମ୍ପାଦକ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ପାରଦର୍ଶିତା ଦେଖି ସେମାନଙ୍କୁ ଅ।ଗକୁ ବଢ଼ିବାକୁ ଉତ୍ସାହିତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସକାଳେ ଉପସ୍ଥିତ ଥିବା ପାଞ୍ଚ ଟି ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁ ମାନଙ୍କ ମଧ୍ୟରେ ୧୦୦ ଏବଂ ୨୦୦ ମିଟର ଦୌଡ଼ ପ୍ରତିଯୋଗିତା, ଲମ୍ବଡ଼ଅାଁ, ଉଚ୍ଚଡ଼ଅାଁ, ଚେସ୍, କେରମ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟା ସମୟରେ ସାଂସ୍କୃତିକ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ବକ୍ତୃତା, କୁଇଜ୍, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

କାର୍ଯ୍ୟକ୍ରମ ଶେଷରେ କୃତି ପ୍ରତିଯୋଗି ମାନଙ୍କୁ ଅ।ମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ଅତିଥି ମାନଙ୍କୁ ପିଲାମାନେ ଅ।ଙ୍କିଥିବା ସୁନ୍ଦର ଚିତ୍ର ପ୍ରଦାନ କରାଯାଇଥିଲା ପରିଶେଷରେ ଅତିଥି ଓ ପିଲାମାନଙ୍କ ଉପସ୍ଥିତିରେ ଏକ ଫାୟାର କ୍ୟାମ୍ପ କରାଯାଇଥିଲା ଉପରୋକ୍ତ କାର୍ଯ୍ୟକ୍ରମରେ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିବା ଲକ୍ଷ୍ୟ କରାଯାଇଥିଲା ପ୍ରକାଶ ଥାଉକି ଅ।ଜିକାର କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଶିଶୁ ମାନେ ରାଜ୍ୟସ୍ତରୀୟ ଉତ୍ସବ ରେ ଭାଗନେବାର ସୂଚନା ରହିଛି ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର ସମସ୍ତ କର୍ମ କର୍ତ୍ତା , ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କର୍ମକର୍ତ୍ତା, ଶିଶୁ ହେଲ୍ପଲାଇନ୍ ର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁ ରୁପେ ପରିଚାଳନା କରିଥିଲେ।

ଟାପୁରୁ ଫସିଥିବା ମତ୍ସ୍ୟଜୀବି ୨ ଘଣ୍ଟା ପରେ ଉଦ୍ଧାର

କପ୍ତିପଦା, ୨୫।୧୦(ମହାଭାରତ): ବାତ୍ୟା ଦାନାର ପ୍ରଭାବରେ ବଢିଛି ପବନ ଏବଂ ବର୍ଷାର ପ୍ରଭାବ। ଯାହାର ପ୍ରଭାବରେ ଅ।ଜି ମାଛ ଧରିବାକୁ ଯାଇଥିବା ଜଣେ ମତ୍ସ୍ୟଜୀବି ଟାପୁରେ ଫସି ରହିଥିଲେ ଦୀର୍ଘ ୨ ଘଣ୍ଟାରୁ ଅଧିକ ହେବ ମତ୍ସ୍ୟଜୀବି ଫସି ରହିଥିଲେ, ଉଦ୍ଧାର କରିଲା ଓଡ୍ରାଫ ଟିମ କପ୍ତିପଦା ବ୍ଲକ କାଳ ଡ୍ୟାମରେ ଟାପୁ ଭିତରେ ଫସି ରହିଥିଲେ। ମତ୍ସ୍ୟଜୀବି ପ୍ରଶାନ୍ତ କୁମାର ମଢେଇ ଅ।ଜି ସକାଳେ ସେ ମାଛ ଧରିବାକୁ ଡ୍ୟାମ ଭିତରକୁ ଯାଇଥିବା ବେଳେ ପବନର ବେଗ ବଢିବା ସହିତ ଡ୍ୟାମରେ ଜୁଅ।ର ଅ।ସିବାରୁ ଟାପୁରେ ଫସି ରହିଥିଲେ। ଯୁବକ ଦୀର୍ଘ ଦେଢ଼ ଘଣ୍ଟାର ଅପରେସନ ପରେ ଯୁବକଙ୍କୁ ଉଦ୍ଧାର କରିଛି। ଓଡ୍ରାଫ ଟିମ ଯୁବକଙ୍କୁ ଉଦ୍ଧାର କରିବା ପାଇଁ ଓଡ୍ରାଫ ଟିମକୁ ବହୁତ ସମସ୍ୟାର ସାମ୍ନା କରିବାକୁ ପଡିଥିଲା ଶେଷରେ ମତ୍ସ୍ୟଜୀବିଙ୍କୁ ଉଦ୍ଧାର କରାଯାଇଛି ବର୍ଷା ଏବଂ ପବନ ମାଡ଼ ଖାଇବା କାରଣରୁ ସେ ଭଲ ଭାବେ କଥା କହି ପାରୁ ନ ଥିବା ଜଣାଯାଇଛି।

ବଲ୍ ଆଣିବାକୁ ଯାଇ କୂଅରେ ଖସିପଡ଼ିଲା ନାବାଳକ

ଅନୁଗୋଳ,(ମହାଭାରତ):ଅନୁଗୋଳ ଟାଉନ୍ ଥାନା ଅନ୍ତର୍ଗତ ହାକିମ ପଡା ସ୍ଥିତ ଲେକଚର କଲୋନୀ ନିକଟରେ ଥିବା ଜନ ସ୍ୱାସ୍ଥ୍ୟ ବିଭାଗର ଏକ ପରିୟକ୍ତ କୂଅ ରେ ପଡି ନାବାଳକ ମୃତ ଘଟଣା ସ୍ଥଳରେ ଅନୁଗୋଳ ଅଗ୍ନିଶମ ବିଭାଗ ପହଞ୍ଚି ମୃତ ନା ବାଳକ କୁ ଉଦ୍ଧାର କରିଛି।ମୃତ ବାଳକ ହେଲେ ସୁକାନ୍ତ ମହାପାତ୍ର ଙ୍କ ସାନ ପୁଅ ଭବାନୀ ଶଙ୍କର ମହାପାତ୍ର (୧୪) ସେ ସେହି କଲୋନୀର ବାସିନ୍ଦା ଅଟନ୍ତି। ସୂଚନା ଯେ, ଭବାନୀ ନିଜ ସାଙ୍ଗ ମାନଙ୍କ ସହିତ କ୍ରିକେଟ ଖେଳୁ ଥିବା ବେଳେ ବଲ ଟି କୂଅ ରେ ପଡିଯାଇଥିଲା। ବଲଟି ଖୋଜିବାକୁ ସାଙ୍ଗ ମାନେ ଅ।ସିଥିଲେ, କିନ୍ତୁ କୂଅରେ ପଡିଥିବା ବଲଟିକୁ ଭବାନୀ ବାହାର କରିବାକୁ ଚେଷ୍ଟା କରୁଥିବେ ବେଳେ ଭବାନୀ ଙ୍କର ଗୋଡ ଖସି ଯାଇଥିଲା ଯାହା ଫଳରେ ଭବାନୀ ବୁଡ଼ିଯାଇଥିଲେଅନୁଗୋଳ ଜନ ସ୍ୱାସ୍ଥ୍ୟ ବିଭାଗର ଚରମ ଅବହେଳା ଯୋଗୁଁ ଏ ଭଳି ଅଘଟଣା ଘଟି ଥିବା ସ୍ଥାନୀୟ ବାସୀ ଅଭିଯୋଗ କରିଛନ୍ତି।

ଆସିକା ଓଁ ଶାନ୍ତି ଭବନରେ ରାଜଯୋଗିନୀ ମଞ୍ଜୁ ଦିଦିଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ

ଅ।ସିକା ୨୫।୧୦(ମହାଭାରତ): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ବସଷ୍ଟାଣ୍ଡ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ ବିଦ୍ୟାଳୟ ବ୍ରହ୍ମପୁର ସବ ଜୋନ୍ ର ଦିବଂଗତ ମୁଖ୍ୟ ରାଜଯୋଗିନୀ ମଞ୍ଜୁ ଦିଦିଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ୨୪ ଅକ୍ଟୋବର୍ ୨୦୨୪ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବ୍ରହ୍ମପୁର ସବ ଜୋନ୍ ର ଦିବଂଗତ ମୁଖ୍ୟ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମଞ୍ଜୁ ଦିଦିଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଶାନ୍ତି ଶକ୍ତି ଭବନରେ ଅନୁଷ୍ଠିତ ହୋଇଯାଇଛି ।

ଅ।ମନ୍ତ୍ରିତ ଅତିଥି ମାନଙ୍କ କରକମଳରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟିତ ଏହି ସଭାରେ ରାଜଯୋଗିନୀ ମଞ୍ଜୁ ଦିଦିଙ୍କ ସ୍ମୃତି ଚାରଣ କରିବା ଅବସରରେ ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ପ୍ରକାଶ କରିଥିଲେ ଯେ ଉତ୍ତର ପ୍ରଦେଶ ମେରଟ ସହରରେ ୧୯୪୫ ମସିହାରେ ଜନ୍ମିତ ରାଜଯୋଗିନୀ ମଞ୍ଜୁ ଦିଦି ୧୯୬୭ ମସିହାରେ ଈଶ୍ୱରୀୟ ସେବାରେ ମୁଖ୍ୟାଳୟ ମାଉଣ୍ଟ ଅ।ବୁରେ ଯୋଗଦେବା ପରେ ୧୯୮୬ ମସିହାରୁ ମଧୁବନ ଦ୍ୱାରା ବ୍ରହ୍ମପୁର ସବ ଜୋନ୍ ର ମୁଖ୍ୟ ସଂଚାଳିକା ରୂପେ ଅ।ଂଚଳିକ ସେବାକେନ୍ଦ୍ର ଶାନ୍ତିକୁଣ୍ଡରେ ଦାୟିତ୍ୱ ନିର୍ବାହ କରିଅ।ସୁଥିଲେ। ଦକ୍ଷିଣ ଓଡ଼ିଶାରେ ଅ।ଧ୍ୟାତ୍ମିକ କ୍ରାନ୍ତି ଅ।ଣିବା ସହିତ ସଭାବନା ତଥା ଏକ ବିଶ୍ ପରିବାରର ଚେତନାରେ ସମାଜର ପ୍ରତ୍ୟେକ ବର୍ଗଙ୍କ ହୃଦୟକୁ ସ୍ପର୍ଶ କରୁଥିଲା ଦିଦିଙ୍କ ମାତୃବ୍ ସ୍ନେହ ସହ ସଂଚାଳିକା ରାଜ ଯୋଗିନୀ ମାଳା ଦିଦିଙ୍କ ସହଯୋଗରେ ଅ।ସିକା ଶାନ୍ତି ଶକ୍ତି ଭବନ ଭଳି କୋଡ଼ିଏରୁ ଅଧିକ ସେବା କେନ୍ଦ୍ର, ଉପ ସେବା କେନ୍ଦ୍ର ଓ ଶତାଧିକ ଗୀତା ପାଠଶାଳା ସ୍ଥାପନ କରି ଗଞ୍ଜାମ, ଗଜପତି,ନୟାଗଡ଼ ଓ ଶ୍ରୀକାକୁଲମ ଜିଲ୍ଲାର ଲକ୍ଷାଧିକ ଭଉଣୀ ଭାଇଙ୍କୁ ସହଜ ରାଜ ଯୋଗ ମାଧ୍ୟମରେ ମାନବୀୟ ମୂଲ୍ୟବୋଧର ଅବତାରଣା ଦ୍ୱାରା ସୁଖମୟ ଜୀବନ ଜୀଇଁବାର ଯେଉଁ କଳା ଶିଖାଇ ଯାଇଛନ୍ତି ତାହା ଦିଦିଙ୍କୁ ଚିର ସ୍ମରଣୀୟ କରି ରଖିବ।

ଭବନର ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ପ୍ରକାଶ କରିଥିଲେ ଯେ ଉତ୍ତର ପ୍ରଦେଶ ମେରଟ ସହରରେ ୧୯୪୫ ମସିହାରେ ଜନ୍ମିତ ରାଜଯୋଗିନୀ ମଞ୍ଜୁ ଦିଦି ୧୯୬୭ ମସିହାରେ ଈଶ୍ୱରୀୟ ସେବାରେ ମୁଖ୍ୟାଳୟ ମାଉଣ୍ଟ ଅ।ବୁରେ ଯୋଗଦେବା ପରେ ୧୯୮୬ ମସିହାରୁ ମଧୁବନ ଦ୍ୱାରା ବ୍ରହ୍ମପୁର ସବ ଜୋନ୍ ର ମୁଖ୍ୟ ସଂଚାଳିକା ରୂପେ ଅ।ଂଚଳିକ ସେବାକେନ୍ଦ୍ର ଶାନ୍ତିକୁଣ୍ଡରେ ଦାୟିତ୍ୱ ନିର୍ବାହ କରିଅ।ସୁଥିଲେ। ଦକ୍ଷିଣ ଓଡ଼ିଶାରେ ଅ।ଧ୍ୟାତ୍ମିକ କ୍ରାନ୍ତି ଅ।ଣିବା ସହିତ ସଭାବନା ତଥା ଏକ ବିଶ୍ ପରିବାରର ଚେତନାରେ ସମାଜର ପ୍ରତ୍ୟେକ ବର୍ଗଙ୍କ ହୃଦୟକୁ ସ୍ପର୍ଶ କରୁଥିଲା ଦିଦିଙ୍କ ମାତୃବ୍ ସ୍ନେହ ସହ ସଂଚାଳିକା ରାଜ ଯୋଗିନୀ ମାଳା ଦିଦିଙ୍କ ସହଯୋଗରେ ଅ।ସିକା ଶାନ୍ତି ଶକ୍ତି ଭବନ ଭଳି କୋଡ଼ିଏରୁ ଅଧିକ ସେବା କେନ୍ଦ୍ର, ଉପ ସେବା କେନ୍ଦ୍ର ଓ ଶତାଧିକ ଗୀତା ପାଠଶାଳା ସ୍ଥାପନ କରି ଗଞ୍ଜାମ, ଗଜପତି,ନୟାଗଡ଼ ଓ ଶ୍ରୀକାକୁଲମ ଜିଲ୍ଲାର ଲକ୍ଷାଧିକ ଭଉଣୀ ଭାଇଙ୍କୁ ସହଜ ରାଜ ଯୋଗ ମାଧ୍ୟମରେ ମାନବୀୟ ମୂଲ୍ୟବୋଧର ଅବତାରଣା ଦ୍ୱାରା ସୁଖମୟ ଜୀବନ ଜୀଇଁବାର ଯେଉଁ କଳା ଶିଖାଇ ଯାଇଛନ୍ତି ତାହା ଦିଦିଙ୍କୁ ଚିର ସ୍ମରଣୀୟ କରି ରଖିବ।

ଆଗକୁ ଦୀପବଳି : ମାଟି ଦୀପ ନିର୍ମାଣ କରିବାରେ ବ୍ୟସ୍ତ କୁମ୍ଭାର ପରିବାର

ପାରଳାଖେମୁଣ୍ଡି,୨୫।୧୦(ମହାଭାରତ): ଧର୍ମ ଅର୍ଜନର ମାସ ତଥା ଅମାବାସ୍ୟା ତିଥିରେ ପାଳନ କରାଯାଇଥାଏ ଅ।ଲୋକର ପର୍ବ ଦୀପାବଳି ଦୀପାବଳୀ ପର୍ବ ଅ।ଉ ମାତ୍ର କିଛି ଦିନ ବାକିଥିବା ବେଳେ ପାରଳାଖେମୁଣ୍ଡି ଏହାର ଅ।ଖପାଖ ଅଞ୍ଚଳରେ କୁମ୍ଭକାର ପରିବାର ମାଟିଦୀପ ତିଆ।ରି କରିବାରେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି ପୂର୍ବ ପୁରୁଷରୁ ମାଟିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିକୁ କୌଳିକ ବୃତ୍ତି ଭାବେ ଅ।ଦରି ନେଇଥିବା କୁମ୍ଭକାରଙ୍କ ବେଉସା ଅ।ଧୁନିକତାର ମାଡ଼ରେ ନହଜି ଅ।ଜି ଯାଏଁ ବଞ୍ଚି ରହିଛି ପୂର୍ବରୁ ମାଟି ପାତ୍ରର ଚାହିଦା ଯଥେଷ୍ଟ ଅଧିକ ଥିଲା ରନ୍ଧନ ପାଇଁ ଅ।ବଶ୍ୟକ ମାଟି ପାତ୍ର ଠାରୁ ଅ।ରମ୍ଭ କରି ମାଠିଅ।, ହାଣ୍ଡି, ଗ୍ରୀଷ୍ମଋତୁରେ ପାଣି ଥଣ୍ଡା ରଖିବା ପାଇଁ ସୁରେଇ ଲୁୟାଦି ପ୍ରସ୍ତୁତ କରି କୁମ୍ଭକାର ପରିବାର ବେଶ୍ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିଲେ। ସଭ୍ୟତାର ବିକାଶ ସହିତ ଅ।ରମ୍ଭ ହୋଇଛି ଷ୍ଟିଲ ଯୁଗ ରନ୍ଧନ ପାଇଁ ସାଧାରଣ ଲୋକେ ମାଟି ପାତ୍ରକୁ ଭୁଲି ଷ୍ଟିଲ ନିର୍ମିତ ବାସନ କୁସନ ବ୍ୟବହାର କରିବାକୁ ପସନ୍ଦ କଲେଣି ଏଭଳି ପରିସ୍ଥିତରେ କୁମ୍ଭକାରଙ୍କ ବୃତ୍ତି ପ୍ରତି ସଙ୍କଟ ସୃଷ୍ଟି ହୋଇଛି ତଥାପି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାପାଇଁ ଏବେବି ସଙ୍ଘର୍ଷ ଜାରୀ ରଖିଛନ୍ତି। କୁମ୍ଭକାର ପରିବାର ବିଶେଷକରି ପର୍ବପର୍ବାଣୀରେ କୁମ୍ଭକାରଙ୍କୁ ସାଧାରଣ ଲୋକେ ମନେ ପକାଇଥାନ୍ତି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଏମିତି କିଛି ସାମଗ୍ରୀ ରହିଛି ଯାହା ପୂଜା ବ୍ରତ ସକାଶେ ନିତାନ୍ତ ଜରୁରୀ। ଅଧିକାଂଶ ପର୍ବପର୍ବାଣୀରେ ମାଟି ହାଣ୍ଡିର ଅ।ବଶ୍ୟକତା ରହିଥିବା ବେଳେ ଏବେବି କିଛି ଗ୍ରାମାଞ୍ଚଳର କିଛି ଜନସାଧାରଣ ରୋଷେଇ ସକାଶେ ମାଟି ହାଣ୍ଡି ବ୍ୟବହାର କରିଥାନ୍ତି । ଅ।ଧୁନିକତା ଯୁଗରେ ଜାଗର ଯାତ୍ରା ପାଳନ ସକାଶେ ରଙ୍ଗ ବେରଙ୍ଗର ଅ।ଲୋକ ସଜ୍ଜିତ ବିଦ୍ୟୁ ଦୀପ ମିଳୁଥିଲେ ମଧ୍ୟ ମାଟି ଦୀପର ଚାହିଦା ଏବେବି ବଞ୍ଚି ରହିଛି ବର୍ଷତମାମ ବେକାରରେ ରହୁଥିବା କୁମ୍ଭକାର ପରିବାରଙ୍କ ପାଇଁ ଅ।ଲୋକର ପର୍ବ ଦୀପାବଳି ରୋଜଗାର ସୃଷ୍ଟି କରିଥାଏ। ଦୀପାବଳୀର ମାସକ ପୂର୍ବରୁ କୁମ୍ଭକାର ପରିବାରର ସମସ୍ତ ସଦସ୍ୟ ଲାଗି ପଢ଼ିଥାନ୍ତି ମାଟି ଦୀପ ପ୍ରସ୍ତୁତିରେ। ଗୋଷାଣୀ ବ୍ଲକର କୁମ୍ଭକାର ପରିବାର ଓ ପାରଳାଖେମୁଣ୍ଡି ସହରର ପରିବାର ଏବେ ମାଟିଦୀପ ତିଆ।ରିରେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି।

ତେବେ ମାଟିରେ ବିଭିନ୍ନ ଜିନିଷ ପ୍ରସ୍ତୁତ କରିବାକୁ ବୃତ୍ତି ଭାବେ ଅ।ଦରି ନେଇଥିବା କୁମ୍ଭକାର ପରିବାରଙ୍କ ପାଇଁ ସରକାର କୌଣସି ପ୍ରକାର ଯୋଜନା କାର୍ଯ୍ୟକାରୀ କରିନଥିବାରୁ ଏହି ବୃତ୍ତି ଅ।ଗାମୀ ଦିନରେ ଲୋପ ପାଇବା ଅ।ଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ ବୋଲି ବୁଦ୍ଧୀଜୀବି ମହଲରେ ମତ ପ୍ରକାଶ ପାଇଛି।କୌଳିକ ବୃତ୍ତିକୁ ବଞ୍ଚାଇବା ଲାଗି କୁମ୍ଭକାର ଚକ ଘୁରୁଥିଲେ ମଧ୍ୟ ଉପାର୍ଜନ ଯଥେଷ୍ଟ ପରିମାଣରେ ହେଉନଥିବା ଯୋଗୁଁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡ଼ୁଛି ବୋଲି ବହୁ କୁମ୍ଭକାର ପରିବାର କହିଛନ୍ତି। ଦୀପାବଳୀ ପର୍ବରେ ମାଟି ଦୀପ ତିଆ।ରି କରି କିଛିଟା ଅଧିକ ରୋଜଗାର କରିବାକୁ ଚାହିଁ ବସିଥିବା ବେଳେ ଅଧୁନିକତାର ଛାପରେ ଲୋକମାନେ ବିଭିନ୍ନ ପ୍ରକାରର ଚାଇନା ଓ ପ୍ଲାଷ୍ଟର ଅଫ୍ ପ୍ୟାରିସରେ ପ୍ରସ୍ତୁତ ଦୀପ ବଜାରରେ ବହୁଳ ମାତ୍ରାରେ ବିକ୍ରି ହେଉଥିବା ବେଳେ ଏବଂ ଅ।ଧୁନିକତାର ଚାପରେ ଲୋକେ ବିଭିନ୍ନ ଡିଜାଇନର ଦୀପ ବ୍ୟବହାର କରୁଥିବାରୁ ମାଟି ଦୀପର ଚାହିଦା ମଧ୍ୟ ଏକ ପ୍ରକାର ବୁଡ଼ିବାକୁ ବସିଛି ଗଜପତି ରୁ ବିବେକାନନ୍ଦ ବେହେରା।

କାର୍ ଧକ୍କାରେ ବୃଦ୍ଧା ଗୁରୁତର, ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ଜୟପୁର,୨୫।୧୦: କାର୍ ଧକ୍କାରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି । ଗୁରୁତର ବୃଦ୍ଧା ଜଣକ ହେଲେ ଜୟପୁର ଗଙ୍ଗାନଗରରେ ରହୁଥିବା ଦୁର୍ଯୋଧନ ସେନାପତିଙ୍କ ସ୍ତ୍ରୀ ଶଶି ରେଖା ସେନାପତି (୮୦) । ଗତ ରବିବାର ଶଶି ରେଖା ଗଙ୍ଗାନଗର ଛକ ରେ ଠିଆ ହୋଇଥିବା ସମୟରେ ପଛପଟୁ କାର ଧକ୍କା ଦେଇଥିଲା । ଫଳରେ ଶଶି ରେଖାଙ୍କ ହାତ, ଛାତିର ପଞ୍ଜରା ହାଡ ଭାଙ୍ଗି ଯାଇଛି । ଗୁରୁତର ଅବସ୍ଥାରେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ ପରିବାର ଲୋକ। ସେଠାରେ ବାହାର ଚିକିତ୍ସାଳୟକୁ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ଶଶିରେଖା ଙ୍କ ଗୋଟିଏ ପୁଅ ଜନ୍ମରୁ ଆଖିକୁ ଦିଶୁ ନଥିବା ବେଳ ଆର୍ଥିକ ଅନାଟନ ଦେଇ ଗତି କରିଛନ୍ତି । ଅର୍ଥ ଅଭାବରୁ ପରିବାର ଲେକେ ଗୁରୁତର ଅବସ୍ଥାରେ ଥିବା ଶଶି ରେଖାଙ୍କୁ ଘରକୁ ଆଣିଥିବା ଜଣାଯାଇଛି । ଏନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି ।

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ବ୍ୟାପକ...

ଅ।ସନ୍ତାକାଲିଠାରୁ ଅ।ଗକୁ ବଢ଼ିବ।ଧାମରା ଓ ଚାନ୍ଦବାଲି ବ୍ଲକର ଅନେକ ଗାଁରେ ଗତକାଲି ଠାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଦିଅ।ଯାଇଛି। ଅ।ଜି କିଛି ସ୍ଥାନରେ ବ

ମହାରାଷ୍ଟ୍ରରେ କଂଗ୍ରେସ, ଶରଦ ଓ ଉଦ୍ଧବଙ୍କ ମଧ୍ୟରେ ଟଣାଓଟରା

ମୁମ୍ବାଇ, ୨୫।୧୦: ମହାରାଷ୍ଟ୍ର ମହାବିକାଶ ଅଘାଡି (ଏମଭିଏ)ରେ ଆସନ ମୁଲଚାଲ ଲଗାତାର ଜାରି ରହିଛି। ମେଣ୍ଟ ବୁଧବାର ଆଣିଥିବା ୮୫-୮୫-୮୫ ସିଟ୍ ଫର୍ମୂଲାକୁ ବଦଳାଇଛି। ଏବେ ନୂଆ। ଫର୍ମୂଲା ସାମ୍ନାକୁ ଆସିଛି। ଏଥିରେ କଂଗ୍ରେସ ୧୦୨ରୁ ୧୦୪ଟିରେ, ଉଦ୍ଧବ ଠାକରେଙ୍କ ଶିବ ସେନା ୯୦ରୁ ୯୫ଟିରେ ଓ ଶରଦ ପାୱାରଙ୍କ ଏନସିପି ୭୦ରୁ ୭୫ଟି ଆସନରେ ନିର୍ବାଚନ ଲଢିବାକୁ ସହମତି ହୋଇଛିତେବେ ଏହା ପୂର୍ବରୁ ୩ ଦଳଙ୍କ ମଧ୍ୟରେ ସମାନ ସମାନ ଆସନ ସଂଖ୍ୟାରେ ସହମତି ହୋଇଥିଲା ।

ତେବେ ପୁରୁଣା ଫର୍ମୂଲାରେ ବଳକା ୧୫ ସିଟ୍ କୁ ନେଇ ପେଞ୍ଚ ଥିଲା। ସିଟ୍ ନେଇ ଚାଲିଥିବା ଟଣା ଓଟରାରେ ଏବେ ସିଟ୍ ସେୟାରିଂର ନୂଆ। ଫର୍ମୂଲା ସାମ୍ନାକୁ ଆସିଛି। ମହାରାଷ୍ଟ୍ରର ୨୮୮ ଆସନରେ ନଭେମ୍ବର ୨୦

ତାରିଖରେ ବିଧାନସଭା ନିର୍ବାଚନ ହେବ। ଏଥି ପାଇଁ ଶାସକ ମହାଯୁତିରେ ଆସନ ବଣ୍ଟାକୁଣ୍ଟାକୁ ନେଇ ସହଯୋଗୀ ଦଳଙ୍କ ମଧ୍ୟରେ ସହମତି ହୋଇସାରିଲାଣି ଏବେ ଏମଭିଏର ପାଳି, ହେଲେ ସହଯୋଗୀ ଦଳଙ୍କ ମଧ୍ୟରେ ଆସନ ବଣ୍ଟାକୁଣ୍ଟାକୁ ନେଇ ଏବେବି ସହମତି ହୋଇ ପାରୁନି । ଏମଭିଏରେ କଂଗ୍ରେସ ଓ ଶିବସେନା ଉଦ୍ଧବ ଗୋଷ୍ଠୀ ମଧ୍ୟରେ ପ୍ରଥମେ ଗଡ଼ଚିରୌଲୀ, ଅରମୋରୀ, ଗୋନ୍ଦିଆ, ଚିମୁର, ଭଣ୍ଡାରା, ବଲ୍ଲାରପୁର, ରାମଟେକ୍, ଚନ୍ଦ୍ରପୁର, କାମଠି ଓ ଦକ୍ଷିଣ ନାଗପୁର ସିଟରେ ବିବାଦ ଥିଲା। ଗତ ନିର୍ବାଚନରେ ବିଜେପି ପ୍ରାର୍ଥୀମାନେ ବଲ୍ଲାରପୁର, ଚିମୁର, କାମଠି ଓ ଦକ୍ଷିଣ ନାଗପୁର ସିଟ୍‌ରେ ବିଜୟୀ ହୋଇଥିଲେ। ସେହିପରି ଚନ୍ଦ୍ରପୁର, ଗୋନ୍ଦିଆ, ରାମଟେକ୍ ବିଧାନସଭା ଆସନ ସ୍ୱାଧୀନ ପ୍ରାର୍ଥୀଙ୍କ ଖାତାକୁ ଯାଇଥିଲା। ଏବେ କେବଳ ଭଦ୍ରାବତୀ ଆସନଟି କଂଗ୍ରେସ ହାତରେ ରହିଛି।

ଏବେ ଯେତେବେଳେ ସିଟ ବଣ୍ଟାକୁଣ୍ଟା ହେଲା ଉଦ୍ଧବଙ୍କ ଶିବସେନା ଓ କଂଗ୍ରେସ୍ ଏହି ସିଟ୍ ମାନଙ୍କ ଉପରେ ନିଜନିଜର ଦାବି କରିଥିଲେ। ଏହାକୁ ନେଇ ଦୁଇ ଦଳଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏଥିରେ ଉଦ୍ଧବଙ୍କ ଶିବସେନା ମୁମ୍ବାଇର ସେହି ଆସନବି ମାଗିବସିଲା ଯେଉଁଥିରେ କଂଗ୍ରେସ କେବେବି ଜିତି ପାରିନଥିଲା ।ଏଣୁ ସିଟ୍ କୁ ନେଇ କଳି ଏବେ ତୁଟିବ ବୋଲି ଆଶା କରାଯାଉଛି ।

ଶାହାଙ୍କ ଉପରେ ପୁରସ୍କାର ଘୋଷଣା କଲେ ପନ୍ନୁ

ନୂଆ ଦିଲ୍ଲୀ, ୨୫।୧୦ (ଏଜେନ୍ସି):: ଖଲିସ୍ତାନୀ ଆତଙ୍କବାଦୀ ତଥା ଶିଖ୍ସ ଫର୍ ଜଷ୍ଟିସ୍ (ଏସ୍ଏଫ୍‌ଜେ) ମୁଖ୍ୟ ଗୁରୁପତୱନ୍ତ ସିଂ ପନ୍ନୁ ପୁଣିଥରେ ଭାରତକୁ ଧମକ ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିଦେଶ ଗସ୍ତ ସମ୍ପର୍କିତ ତଥ୍ୟ ଦେଲେ ସୂଚନାଦାତାଙ୍କୁ ୧ ନିୟୁତ ଡଲାର ପୁରସ୍କାର ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି।ଏହାଛଡ଼ା ସେ ସିଆର୍‌ପିଏଫ୍ ସ୍କୁଲ ବନ୍ଦ ପାଇଁ ଆହ୍ୱାନ ଦେଇଛନ୍ତି। ନିକଟରେ ଜାରି ଏକ ଭିଡିଓ ବାର୍ତ୍ତାରେ ପନ୍ନୁ କହିଛନ୍ତି, ଅମିତ୍ ଶାହା ଅର୍ଦ୍ଧସାମରିକ ବଳ(ସିଆରପିଏଫ୍)ର ମୁଖ୍ୟ ସିଆର୍‌ପିଏଫ୍ ଖଲିସ୍ତାନୀ ନେତା ହରଦୀପ ସିଂ ନିଜ୍ଜରଙ୍କ ହତ୍ୟା ଲାଗି ଦାୟୀ। ତାଙ୍କ ହତ୍ୟା ପାଇଁ ସେ ଭଡ଼ାରେ ଲୋକଙ୍କୁ ନିୟୋଜିତ କରିଥିବା ଏବଂ ନ୍ୟୁୟର୍କରେ ତାଙ୍କ ହତ୍ୟାର ଷଡଯନ୍ତ୍ର କରିଥିବା ପନ୍ନୁ କହିଛନ୍ତି। ଶନିବାର ନାଗପୁର, ଦିଲ୍ଲୀ, ସୋନିପତ୍, ପିଞ୍ଜୋର ଏବଂ ଜଲନ୍ଧରରେ ଥିବା ସମସ୍ତ ସିଆର୍‌ପିଏଫ୍ ସ୍କୁଲ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

ଏନକାଉଣ୍ଟର ନେଇ ଚିନ୍ତାରେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୫।୧୦: ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଅକ୍ଟୋବର ୨୨ ରେ ଆସାମ ପୋଲିସ ଏନକାଉଣ୍ଟରରେ ହେଉଥିବା ବୃଦ୍ଧିକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ଓ ରାଜ୍ୟ ସରକାରଙ୍କୁ ମେ ୨୦୨୧ରୁ ଅଗଷ୍ଟ ୨୦୨୨ ମଧ୍ୟରେ ହୋଇଥିବା ଏପରି ୧୭୧ଟି ଘଟଣାର ବିସ୍ତୃତ ସୂଚନା ଦେବାକୁ ଆଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଏକ ଜନସ୍ୱାର୍ଥ ମାମଲା(ପିଆଇଏଲ) ରଦ୍ଦ କରିବା ପାଇଁ ଗୌହାଟୀ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରୁଥିବା ଆବେଦନ ପରେ ଆସିଛି ।

ମାମଲାକୁ ଅତ୍ୟନ୍ତ ଗୁରୁତର କହି ସୁପ୍ରିମକୋର୍ଟ ପାରଦର୍ଶିତା ଓ ଉତ୍ତଦାୟିତ୍ୱର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି ଓ କହିଛନ୍ତି ଏପରି ମାମଲାଗୁଡିକୁ ଅବହେଳାରେ ଅଗ୍ରାହ୍ୟ କରାଯାଇ ପାରିବ ନାହିଁ। ଏହି ଆବେଦନ ଅଡଭୋକେଟ ଆରିଫ ମହମ୍ମଦ ୟାସୀନ ଜାଦର ଦାୟର କରିଛନ୍ତି। ଯିଏ କଥିତ ମିଥ୍ୟା ଏନକାଉଣ୍ଟରର ଏକ ଚିନ୍ତିତ କରୁଥିବା ପାଟର୍ଣ୍ଣକୁ ଉଜାଗର କରିଛନ୍ତି। ଯେଉଁଥିରେ କୁହାଯାଇଛି ଯେ ପୋଲିସ ଏନକାଉଣ୍ଟରରେ ଆସାମ ପୋଲିସ ଯାଞ୍ଚ ଲାଗି ସୁପ୍ରିମକୋର୍ଟଙ୍କ ୨୦୨୪ ଗାଇଡଲାଇନକୁ ପାଳନ କରୁ ନାହିଁ ।

ଓକିଲ ଆରିଫ ମହମ୍ମଦଙ୍କଅନୁସାରେ ମେ ୨୦୨୧ରେ ଯେବେ ମୁଖ୍ୟମନ୍ତ୍ରୀ ରୂପେ ହିମାନ୍ତ ବିଶ୍ୱଶର୍ମା ଦାୟିତ୍ୱ ଗ୍ରହଣ କଲେ ,ସେବେଠାରୁ ୮୦ରୁ ଅଧିକ ଏନକାଉଣ୍ଟରରେ ୨୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୮ ଜଣ ଆହତ ହୋଇଛନ୍ତି। ବିଶ୍ୱ ଶର୍ମାଙ୍କ ପ୍ରଶାସନ ଅପରାଧ ବିରୋଧରେ ଜିରୋ ଟୋଲେରାନ୍ସ ନୀତି ଆପଣାଇଥିବାର ଦାବି କରୁଛି ଓ ପୋଲିସ କାର୍ଯ୍ୟାନୁଷ୍ଠାନରେ ତୀବ୍ରତା ଦେଖାଯାଇଛି।ତଥ୍ୟରୁ ଜଣାପଡିଛି ଯେ ଏନକାଉଣ୍ଟର ସଂଖ୍ୟା ବୃଦ୍ଧି ହୋଇଛି, ଯାହା ଆସାମ ସରକାରଙ୍କ ଆଫିଡେଭିଟ ଅନୁସାରେ ୧୭୧ ଘଟଣାରେ ୫୬ ଜଣ ଲୋକେ ପ୍ରାଣ ହରାଇଛନ୍ତି, ଯେଉଁମାନଙ୍କ ମଧ୍ୟରେ ୪ ଜଣ ହାଜତରେ ଥିଲେ। ଏହାର ବିପରୀତ ୨୦୧୬ରୁ ୨୦୨୧ରେ ଆସାମରେ କେବଳ ଏପରି ୬୨ଟି ମାମଲା ରୁଜୁ କରାଯାଇଛି। ଯାହା ୧୭୧ର ଏକ ତୃତୀୟାଂଶରୁ ସାମାନ୍ୟ ଅଧିକ। ଗତ ଦୁଇ ବର୍ଷରେ ହୋଇଥିବା ଉଲ୍ଲେଖନୀୟ ଘଟଣାରେ ଏହି ଚଳନକୁ ଦର୍ଶାଉଛି । ଚଳିତବର୍ଷ ଅଗଷ୍ଟ ମାସରେ ନାଗାଁବ ଜିଲ୍ଲାରେ ଗଣ ଦୁଷ୍କର୍ମର ଏକ ମାମଲାରେ ଅଭିଯୁକ୍ତ ପୋଲିସ କଷ୍ଟଡିରୁ ପଳାୟନ ଉଦ୍ୟମ କରି ବୁଡି ଯାଇଥିଲା। ଅଭିଯୁକ୍ତକୁ ଅପରାଧ ସ୍ଥଳକୁ ନିଆଯାଇଥିଲା, ସେତେବେଳେ ସେ ପୋଖରୀକୁ ଡେଇଁ ପଡିଥିଲା। ଏହା ପୂର୍ବରୁ ଡିସେମ୍ବର ୨୦୨୩ରେ ପୋଲିସ ଦୀପଜ୍ୟୋତି ନିୟୋଗ, ମନୁଜ ବୋରାଗୋହେନ ଓ ବିଶ୍ୱନାଥ ବୋରାଗୋହେନଙ୍କୁ ଗୁଳି କରିଦେଇଥିଲା। ସେମାନଙ୍କ ବିରୋଧରେ ଉଲଫା-ଆଇ ସହ ସମ୍ପର୍କର ଅଭିଯୋଗ ଥିଲା।

ଆଇଗଟ୍ ଲ୍ୟାବ ପ୍ରତିଷ୍ଠା ପ୍ରଶଂସନୀୟ ପଦକ୍ଷେପ : ମନ୍ତ୍ରୀ ଡ. ଏଲ୍. ମୁରୁଗନ୍

ନୂଆଦିଲ୍ଲୀ, ୨୫।୧୦(ପିଆଇବି): କର୍ମଯୋଗୀ ସପ୍ତାହ ଜାତୀୟ ଶିକ୍ଷା ସପ୍ତାହ (ଏନ୍ଏଲ୍‌ଡବ୍ଲ୍ୟୁ) ହେଉଛି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭବିଷ୍ୟତ ପାଇଁ ପ୍ରସ୍ତୁତ ସିଭିଲ ସର୍ଭିସ ଗଠନ କରିବାକୁ ଏବଂ ଏହି ସପ୍ତାହରେ ସମସ୍ତ ସ୍ତରରେ ସରକାରୀ କର୍ମଚାରୀଙ୍କ ଦକ୍ଷତାକୁ ଦଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା, ଯାହା ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହିତ ଭାରତୀୟ ମୂଲ୍ୟବୋଧରେ ଗଭୀର ଭାବରେ ଗଢ଼ି ଉଠିଛି।

ଏହି ଅବସରରେ ସୂଚନା ଓ ପ୍ରସାରଣ ରାଜ୍ୟ ମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ୍ ୩ ମିଲିୟନ୍ରୁ ଅଧିକ କେନ୍ଦ୍ର ସରକାରୀ କର୍ମଚାରୀଙ୍କର ଦକ୍ଷତା ଏବଂ କୌଶଳ ବୃଦ୍ଧି କରିବା ତଥା ୨୨ ମିଲିୟନରୁ ଅଧିକ ରାଜ୍ୟ ସ୍ତରୀୟ ସରକାରୀ କର୍ମଚାରୀ ଏବଂ ୫ ମିଲିୟନ୍ ସହରୀ ସ୍ଥାନୀୟ ସଂସ୍ଥା (ୟୁଏଲ୍) ପାଇଁ ନିରନ୍ତର ଶିକ୍ଷା ଉପଲବ୍ଧତା ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ କିପରି ଉଭୟ ସ୍ଥାୟୀ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପାଇଁ ଖୋଲା ରହିଛି, ଯାହା ଜାତୀୟ ଲକ୍ଷ୍ୟ ସହିତ ସମାନ୍ତରାଳ ଭାବରେ ଆଜୀବନ ଶିକ୍ଷାକୁ ପ୍ରୋତ୍ସାହିତ କରିବ ବୋଲି ସେ ଆଲୋକପାତ କରିଥିଲେ।

ଆଇଗେଟ୍ ଲ୍ୟାବ : ଶିଖିବାକୁ ବୃଦ୍ଧି କରିବା : ଡ. ଏଲ୍. ମୁରୁଗନ୍ କହିଥିଲେ ଯେ, ମନ୍ତ୍ରଣାଳୟ ସୋସିଆଲ୍ ମିଡିଆର ଉପଯୋଗ, ଚଳଚ୍ଚିତ୍ର ଜ୍ଞାନର ବିକାଶ ଏବଂ ଫୋଟୋଗ୍ରାଫି କୌଶଳ ବୃଦ୍ଧି ଉପରେ ୩ଟି ବୈନାର ଆୟୋଜନ କରିଛି। ଏହାଛଡା, ସମସ୍ତ କର୍ମଚାରୀମାନଙ୍କ ପାଇଁ ଆଇଗେଟ୍ କର୍ମଯୋଗୀ ପୋର୍ଟାଲରେ ଅତି କମରେ ୪ ଘଣ୍ଟାର ତାଲିମ ସମ୍ପୂର୍ଣ୍ଣ କରିବାକୁ ବାଧ୍ୟତାମୂଳକ କରାଯାଇଥିଲା, ଯେଉଁଥିରେ ଅଫିସ ପ୍ରକ୍ରିୟା, ଲିଙ୍ଗ ସମ୍ବେଦନଶୀଳତା ଏବଂ ନେତୃତ୍ୱ ଭଳି ପ୍ରମୁଖ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇଥିଲା ଏକ ଆଇଗଟ୍ ଲ୍ୟାବ ପ୍ରତିଷ୍ଠା ସମେତ ମନ୍ତ୍ରଣାଳୟର ଅଭିନବ ଉପାୟକୁ ସେ ପ୍ରଶଂସା କରିଥିଲେ, ଯାହାକୁ ସେ ନିରନ୍ତର ଶିକ୍ଷଣ ପାଇଁ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ଡ. ଏଲ୍. ମୁରୁଗନ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ସମ୍ମାନିତ କରିଥିଲେ।

ଆକାଂକ୍ଷୀ ଭାରତ ର ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା (ଏଆଇ)ର ଲାଭ ନେବାକୁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଅନୁଯାୟୀ, ଡ. ଏଲ୍. ମୁରୁଗନ୍ ଉତ୍ପାଦନ ବୃଦ୍ଧି ଏଆଇ ଉପକରଣକୁ ସକ୍ରିୟ ଭାବରେ ସାମିଲ କରିବାକୁ ମନ୍ତ୍ରଣାଳୟକୁ ପରାମର୍ଶ ଦେଇଛନ୍ତି । ଏଥିସହ ସେ ଉତ୍ପାଦନ ବଢ଼ାଇବା ତଥା ପୁନରବୃତ୍ତି କାର୍ଯ୍ୟ ଭାର ହ୍ରାସ କରିବାକୁ ଚାଟ୍‌ଜିପିଟି ଏବଂ ଜେମିନି ପରି ଉପକରଣ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥାର ଶୁଭାରମ୍ଭ

ନୂଆଦିଲ୍ଲୀ, ୨୫।୧୦(ପିଆଇବି): ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଓରଫ ଲଲନ ସିଂହ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଓ ପୃଥିବୀ ବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଜିତେନ୍ଦ୍ର ସିଂହ ଏବଂ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍ ପି ସିଂହ ବାଘେଲ ଆଜି ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଗ୍ରାମ ପଞ୍ଚାୟତ ସ୍ତରୀୟ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଭୂବିଜ୍ଞାନ ମନ୍ତ୍ରଣାଳୟ ଅଧୀନ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ମିଳିତ ସହଯୋଗରେ ବିକଶିତ ଏହି ବ୍ୟବସ୍ଥା ତୃଣମୂଳ ସ୍ତରରେ ଜଳବାୟୁ ଜନିତ ପ୍ରସ୍ତୁତିରେ ଏକ ବଡ଼ ପଦକ୍ଷେପ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ସରକାରଙ୍କ ୧୦୦ ଦିନିଆ। କାର୍ଯ୍ୟସୂଚୀର ଏକ ଅଂଶ ଏବଂ ଏକ ସମଗ୍ର ସରକାରୀ ଆଭିମୁଖ୍ୟକୁ ପ୍ରତିଫଳିତ କରେ, ପଞ୍ଚାୟତିରାଜ ମନ୍ତ୍ରଣାଳୟ ତୃଣମୂଳ ଶାସନରେ ପରିବର୍ତ୍ତନ ଆଣିବା ପାଇଁ ବିଶେଷଜ୍ଞ ବିଭାଗଗୁଡିକ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି। ଏହି ପଦକ୍ଷେପ ଗ୍ରାମ ପଞ୍ଚାୟତଗୁଡ଼ିକୁ ପାଞ୍ଚ ଦିନିଆ। ପାଣିପାଗ ପୂର୍ବାନୁମାନ ଏବଂ ଘଣ୍ଟା ପ୍ରତି ସର୍ବୋତ୍ତମ ସୂଚନା ପ୍ରଦାନ କରିବ, ଯାହାଦ୍ୱାରା ଗ୍ରାମୀଣ ଜନସାଧାରଣ କୃଷି କାର୍ଯ୍ୟକଳାପ ସମ୍ପର୍କରେ ଉତ୍ତମ ଭାବରେ ଯୋଜନା କରିବା ଏବଂ ପାଣିପାଗ

ସମ୍ବନ୍ଧୀୟ ବିପଦ ପାଇଁ ପ୍ରସ୍ତୁତି କରିବାରେ ସକ୍ଷମ ହୋଇପାରିବେ।

କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ଚଂଜନ ସିଂ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଥିଲେ ଯେ ଗ୍ରାମ ପଞ୍ଚାୟତ ସ୍ତରରେ ପାଣିପାଗ ପୂର୍ବାନୁମାନ ଭାରତୀୟ ଅର୍ଥବ୍ୟବସ୍ଥାକୁ ସଶକ୍ତ କରିବା ଏବଂ ଗ୍ରାମୀଣ ଜନସଂଖ୍ୟା ପାଇଁ ସହଜ ଜୀବନଧାରଣକୁ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପଦକ୍ଷେପ ଜଳବାୟୁ ଆହ୍ୱାନର ମୁକାବିଲା କରିବା ଏବଂ କୃଷି ଓ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ପାଇଁ ନିଷ୍ପତ୍ତି ନେବାରେ ସୁଧାର ଆଣିବା ଦ୍ୱାରା ଗ୍ରାମୀଣ ପ୍ରଶାସନରେ ପରିବର୍ତ୍ତନ ଆଣିବ ଗ୍ରାମୀଣ ନାଗରିକମାନଙ୍କ ପାଖରେ ଠିକ୍ ସମୟରେ ପାଣିପାଗ ସୂଚନା ପହଞ୍ଚାଇବା, ଶେଷରେ ଜୀବିକାରେ ଉନ୍ନତି ଆଣିବା ଏବଂ ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରିବାରେ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆରଆଇ)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଶ୍ରୀ ସିଂହ ଆଲୋକପାତ କରିଥିଲେ ।

ସ୍କୁଲ ବସ୍ ଉପରକୁ ଗୁଳିମାଡ଼

ଲକ୍ଷ୍ନୌ, ୨୫।୧୦: ଉତ୍ତର ପ୍ରଦେଶର ଗଜରୌଲାରେ ଭାଜପା ଜିଲା ଉପାଧ୍ୟକ୍ଷ ତଥା ବ୍ଲକ ମୁଖ୍ୟ ମୀନାକ୍ଷୀ ଚୌଧୁରୀଙ୍କ ସ୍ୱାମୀ ଚୌଧୁରୀ ବିରେନ୍ଦ୍ର ସିଂଙ୍କ ସ୍କୁଲ ବସରେ ତିନିଜଣ ଦୁର୍ବୃତ୍ତ ଗୁଳି ଚଳାଇଥିଲେ। ଏହା ପରେ ଇଟା ମଧ୍ୟ ଫୋପାଡି ଥିଲେ। ବସରେ ଯାତ୍ରା କରୁଥିବା ୨୮ ଜଣ ଛାତ୍ରଛାତ୍ରୀ ଏହି ଘଟଣାରେ ଭୟଭୀତ ହୋଇପଡିଥିଲେ ପୋଲିସ ଏବଂ ସ୍କୁଲ ପରିଚାଳନାକୁ ସୂଚନା ଦେଇଥିଲେ।

ସୂଚନାଯୋଗ୍ୟ, ଶୁକ୍ରବାର ସକାଳେ ସ୍କୁଲ ବସ ଡ୍ରାଇଭର ମଣ୍ଟି ପିଲାମାନଙ୍କୁ ସ୍କୁଲକୁ ଆଣୁଥିଲେ। ବାଟରେ ତିନିଜଣ ଯୁବକ ବାଇକ ଧରି ବସ ସମ୍ମୁଖରେ ରଖିଥିଲେ, କାରକୁ ଅଟକାଇ ପିସ୍ତଲ ସାହାଯ୍ୟରେ ଆକ୍ରମଣ କରିଥିଲେ। ଏହା ପରେ ମଣ୍ଟି ଦୌଡିଥିଲେ ବସ ସହିତ ଦ୍ରୁତ ଗତିରେ। ଏହି ବସରେ ୨୮ ଜଣ ଥିଲେ। ସୌଭାଗ୍ୟର ବିଷୟ ହେଉଛି ଯେ, କୌଣସି ପିଲା ଆହତ ହୋଇନାହାଁନ୍ତି।

ଘଟଣାର ଖବର ପାଇବା ମାତ୍ରେ ପୋଲିସ ମଧ୍ୟ ପହଞ୍ଚିଥିଲା, ପରେ ନିକଟସ୍ଥ ଲୋକଙ୍କୁ ପଚରାଉଚରା କରାଯାଇଥିଲା। ପୋଲିସର ସୂଚନାନୁସାରେ, ଅକ୍ଟୋବର ୨୧ରେ ଏକ ଦୁର୍ଘଟଣାକୁ ନେଇ ବସ ଡ୍ରାଇଭର ମଣ୍ଟି ସ୍ଥାନୀୟ ଯୁବକଙ୍କ ସହ ବିବାଦ କରିଥିଲେ। ତେଣୁ ଆକ୍ରମଣକାରୀମାନେ ପ୍ରତିଶୋଧ ନେବାକୁ ବସ ଡ୍ରାଇଭର ଉପରେ ଆକ୍ରମଣ କରିଥିଲେ କିନ୍ତୁ ସେ ବସ ନେଇ ପୋଲିସ ଷ୍ଟେଶନକୁ ଯାଇଥିଲେ।

ପାକିସ୍ତାନକୁ ଦାୟୀ କଲେ ଫାରୁକ ଅବଦୁଲ୍ଲା

ଶ୍ରୀନଗର, ୨୫।୧୦: ଜମ୍ମୁ-କଶ୍ମୀରରେ କ୍ରମାଗତ ବଢୁଥିବା ଆତଙ୍କବାଦୀ ହମଲା ପାଇଁ କ୍ଷମତାସୀନ ନ୍ୟାଶନାଲ କନଫରେନ୍ସର ବସ୍ ଫାରୁକ ଅବଦୁଲ୍ଲା ପାକିସ୍ତାନକୁ ଦାୟୀ କରିଛନ୍ତି। ଉପତ୍ୟକାରେ ଘଟୁଥିବା ଆତଙ୍କବାଦୀର ମୂଳ ପାକିସ୍ତାନରେ ରହିଛି ଓ ଇସଲାମାବାଦ ଏହା ଉପରେ ରୋକ ଲଗାଉ ବୋଲି ସେ କହିଛନ୍ତି ।ଏହାବାଦ ପାକିସ୍ତାନକୁ ବନ୍ଧୁତା ସ୍ଥାପନ ପାଇଁ ବାଟ କରିବାକୁ ମଧ୍ୟ ଫାରୁକ ପରାମର୍ଶ ଦେଇଛନ୍ତି।

ଫାରୁକ ଅବଦୁଲ୍ଲା କହିଛନ୍ତି, ଆମେ ଉପଯୁକ୍ତ ସମାଧାନର ରାସ୍ତା ନ ପାଇବା ଯାଏ ରାଜ୍ୟରେ ଏପରି ଆତଙ୍କବାଦୀ ହମଲା ଜାରି ରହିଥିବ। ଆମେ ସମସ୍ତେ ଏହାର ମୂଳ କେଉଁଠି, ସେକଥା ଜାଣିଛେ।ଦୀର୍ଘ ୩୦ ବର୍ଷ ହେଲାଣି ମୁଁ ନିରୀହ ଲୋକଙ୍କ ହତ୍ୟାର ସାକ୍ଷୀ ରହିଛି କାହିଁକି। ସେମାନେ(ପାକିସ୍ତାନ) ଏସବୁ କରୁଛନ୍ତି ? ସେମାନେ ନିଜର ଭବିଷ୍ୟତକୁ ବିପଦରେ ପକାଉଛନ୍ତି। ଆମେ ପାକିସ୍ତାନର ଅଂଶ ହେବୁ ନାହିଁ, ତଥାପି ସେମାନେ କାହିଁକି ଏମିତି କରୁଛନ୍ତି ?।

ଆମର ଅନେକ ସହକର୍ମୀ ସହିଦ ହୋଇଛନ୍ତି। କିନ୍ତୁ ପ୍ରତିବର୍ଷ ଏପରି ଘଟୁଛି ଓ ଆପଣମାନେ ଜାଣିଛନ୍ତି, ଏଥିପାଇଁ ଦାୟୀ କିଏ ? ଏମିତି କରି ସେମାନେ କଶ୍ମୀରକୁ ପାକିସ୍ତାନରେ ମିଶାଇ ଦେବେ ବୋଲି ଭୁଲରେ ଭାବି ନେଇଛନ୍ତି।ସେମାନେ ନିଜ ଦେଶରେ ଘଟୁଥିବା ସମସ୍ୟାକୁ ଦେଖୁ ନାହାନ୍ତି ମୁଁ ସେମାନଙ୍କୁ ଏସବୁ ବନ୍ଦ କରିବା ପାଇଁ ଆହ୍ୱାନ ଦେଉଛି ଓ ବନ୍ଧୁତା କେମିତି ହେବ, ତାର ବାଟ ବାହର କରନ୍ତୁ ନଚେତ ପ୍ରସଙ୍ଗ ଏମିତି ଉଠି ଚାଲିଥାବ ଆତଙ୍କୀ ହମଲାରେ ଆହତ ଓ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ପ୍ରତି ମୁଁ ସମବେଦନା ଜଣାଉଛି।

ଜର୍ମାନୀର 'ଫୋକସ୍ ଅନ୍ ଇଣ୍ଡିଆ'କୁ ମୋଦୀଙ୍କ ପ୍ରଶଂସା

ନୂଆଦିଲ୍ଲୀ, ୨୫।୧୦(ପିଆଇବି:): ସପ୍ତମ ଭାରତ-ଜର୍ମାନୀ ଆନ୍ତଃ-ସରକାରୀ ପରାମର୍ଶ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ ଭାଷଣ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହା ଆପଣଙ୍

ବ୍ୟାଟିଂରେ ଫେଲ୍ ମାରିଲା ଭାରତ

ପ୍ରଥମ ଇଂନିସରେ ଭାରତ ୧୫୬ରେ ଅଲ୍‌ଆଉଟ୍

ଭାରତୀୟ ବ୍ୟାଟରଙ୍କ ଖରାପ ବ୍ୟାଟିଂ

ସାଣ୍ଟନରଙ୍କ ଘାତକ ବୋଲିଂ, ୭/୫୩

ଦ୍ୱିତୀୟ ଇନିଂସରେ ନ୍ୟୁଜିଲାଣ୍ଡ ୧୯୮/୫, ୩୦୧ ରନ୍‌ରେ ଅଗ୍ରଣୀ

ପୁଣେ,୨୫।୧୦: ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ଟେଷ୍ଟରେ ମଧ୍ୟ ଭାରତୀୟ ଦଳ ପ୍ରଥମ ଇନିଂସରେ ଖରାପ ପ୍ରଦର୍ଶନ କରିଛି। ଆଜି ପୁଣରେ ଖେଳା ଯାଉଥିବା ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ମାଟ ୧୪ଟି ୱିକେଟ ଝଡ଼ିଛି। ଭାରତ ତାର ପ୍ରଥମ ଇନିଂସରେ ୯ଟି ୱିକେଟ ହରାଇଥିବା ବେଳେ ନ୍ୟୁଜିଲ୍ୟାଣ୍ଡ ତାର ଦ୍ୱିତୀୟ ଇନିଂସରେ ୫ ୱିକେଟ ହରାଇଛି।ତେବେ ଦଳ ୧୯୮ ରନ କରିବା ସହ ପୁଣେର ଟର୍ଣ୍ଣିଂ ଟ୍ରାକରେ ବିଶାଳ ୩୦୧ ରନର ଲିଡ୍ ହାସଲ କରି ନେଇଛ।

ଫଳରେ ପ୍ରଥମ ଇନିଂସରେ ମାତ୍ର ୧୫୬ ରନ କରି ଅଲଅ।ଉଟ ହୋଇ ଯାଇଥିବା ଭାରତର ଚିନ୍ତା ଦୁଇ ଗୁଣ ହୋଇ ଯାଇଛି। ଆ।ଜି ଦ୍ୱିତୀୟ ଦିନର ଷଷ୍ଠ ଅପସାରଣ ବେଳକୁ ନ୍ୟୁଜିଲ୍ୟାଣ୍ଡ ୫ ୱିକେଟ ହରାଇ ୧୯୮ ରନ କରିଛି।ଗ୍ଲେନ ଫିଲିପ୍ସ ୯ ରନ ଓ ଟମ ବ୍ଲଣ୍ଡେଲ ୩୦ ରନ କରି ଅପରାଜିତ ରହିଛନ୍ତି।ଏବେ ବି ନ୍ୟୁଜିଲ୍ୟାଣ୍ଡ ହାତରେ ୫ ୱିକେଟ ଥିବାରୁ ଦଳ ବଡ଼ ସ୍କୋର କରିବାର ମୁଡରେ ରହିଛି।

ପ୍ରଥମ ଇନିଂସରେ ଅତି ସୁନ୍ଦର ପ୍ରଦର୍ଶନ କରିଥିବା ୱାଶିଂଟନ ଦ୍ୱିତୀୟ ଇନିଂସରେ ମଧ୍ୟ ୪ ୱିକେଟ ନେଇଛନ୍ତି। ରବି ଅଶ୍ୱିନ କେବଳ ଗୋଟିଏ ୱିକେଟ ନେବାକୁ ସକ୍ଷମ ହୋଇଛନ୍ତି।

ପ୍ରଥମ ଦିନରେ ନ୍ୟୁଜିଲ୍ୟାଣ୍ଡ ୨୫୯ ରନରେ ଅଲଅ।ଉଟ ହେବା ପରେ ଭାରତ ବ୍ୟାଟିଂ ଆ।ରମ୍ଭ କରିଥିଲା। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଭାରତ ରୋହିତ ଶର୍ମାଙ୍କୁ ହରାଇ ୧୬ ରନ କରିଥିଲା ଆଜି ଦ୍ୱିତୀୟ ଦିନ ଖେଳ ଆରମ୍ଭରୁ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଗିଲ୍ ଓ ଜୈସ୍ୱାଲ ୩୦ ରନ ଲେଖାଏଁ କରି ଆ।ଉଟ ହୋଇଥିଲେ। ଏହାପରେ ବିରାଟ କୋହଲି ମଧ୍ୟ ମାତ୍ର ୧ ରନ କରି ପାଭିଲିଅନ ଫେରିଥିଲେ ।

ଜାଡେଜାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ୨୦ ରନ ବି କରିବାକୁ ସମର୍ଥ ହୋଇନଥିଲେ। ସେ ମଧ୍ୟ ସତର୍କତାର ସହ ପାଳିକୁ ଆ।ଗେଇ ନେଉ ଥିବାବେଳେ ମିଚେଲ ସାଣ୍ଟେନରଙ୍କ ଶିକାର ହୋଇଥିଲେ। ଜାଡେଜା ୪୬ ବଲରେ ୩୮ ରନ୍ କରିଥିଲେ । ଭାରତର ବ୍ୟାଟିଂ ଲାଇନ ଅପ୍‌କୁ ମିଚେଲ ସାଣ୍ଟନର ଛିନ୍ନଛତ୍ର କରି ଦେଇଥିଲେ। ସେ ଗିଲଙ୍କ ବ୍ୟତୀତ ବିରାଟ କୋହଲି(୦), ସର୍ଫରାଜ ଖାନ(୧୧), ରବୀନ୍ଦ୍ର ଜାଡେଜା(୩୮), ରବି ଅଶ୍ୱିନ(୪), ଆକାଶ ଦୀପ (୬) ଓ ଯଶପ୍ରୀତ ବୁମ୍ରା(୦)ଙ୍କ ିକେଟ ନେଇ ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ।

ସେ ୫୩ ରନ ଦେଇ ୭ ୱିକେଟ ଦଖଲ କରିଛନ୍ତି ଏହା ତାଙ୍କ ଟେଷ୍ଟ କ୍ୟାରିୟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ ସାଣ୍ଟନରଙ୍କ ବ୍ୟତୀତ ଗ୍ଲେନ ଫିଲପ୍ସ ୩୦ ରନ କରିଥିବା ଯଶସ୍ୱୀ ଜୈସାଲ ଓ ୧୮ ରନ କରିଥିବା ଋଷଭ ପନ୍ତଙ୍କ ିକେଟ ନେଇଛନ୍ତି ପ୍ରଥମ ଦିନରେ ଟିମ ସାଉଦି ଖାତା ଖୋଲିବା ପୂର୍ବରୁ ରୋହିତ ଶର୍ମାଙ୍କୁ ଆ।ଉଟ କରିଥିଲେ।

ଭାରତ ପ୍ରଥମ ଇନିଂସରେ ୧୫୬ ରନ କରି ଅଲଅ।ଉଟ ହୋଇଯିବାରୁ ନ୍ୟୁଜିଲ୍ୟାଣ୍ଡକୁ ଗୁରୁତ୍ୱପୂର୍ଣ୍ଣ ୧୦୩ ରନର ଲିଡ ମିଳିଥିଲା।୧୦୩ ରନ ଆ।ଗରେ ଥିବା ନ୍ୟୁଜିଲ୍ୟାଣ୍ଡ ତାର ଦ୍ୱିତୀୟ ଇନିଂସକୁ ସକାରାତ୍ମକ ଢଙ୍ଗରେ ଆ।ରମ୍ଭ କରି ଓଭର ପିଛା ୪ରୁ ଅଧିକ ହାରରେ ରନ ସଂଗ୍ରହ କରିଥିଲା। ୱାଶିଂଟନ ୪ଟି ିକେଟ ପାଇଥିଲେ ହେଁ କି ଟିମର ଅଧିନାୟକ ଟମ ଲାଥମ ୮୬ ରନର ଇନିଂସ ଖେଳି ଲିଡ୍‌କୁ ୩୦୧ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ବ୍ୟତୀତ ଡେଭନ କନୱେ ୧୭ ରନ, ୱିଲ ୟଙ୍ଗ ୨୩ ରନ, ରଚିନ ରବୀନ୍ଦ୍ର ୯ ରନ, ଡାରେଲ ମିଚେଲ ୧୮ ରନ କରିଛନ୍ତି। ଅଶ୍ୱିନ କେବଳ ିଲ ୟଙ୍ଗଙ୍କୁ ଆ।ଉଟ କରିଥିବା ବେଳେ ବାକି ୪ ୱିକେଟ ।ଶିଂଟନଙ୍କ ଖାତକୁ ଯାଇଛି ସେ ଦୁଇଟି ଯାକ ଇନିଂସରେ ୧୧ଟି ୱିକେଟ ନେଇ ସାରିଲେଣି।

ସାଣ୍ଟନରଙ୍କ ରେକର୍ଡ

ପୁଣେ,୨୫।୧୦: ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଦମଦାର ପ୍ରଦର୍ଶନ କରିଛନ୍ତି ନ୍ୟୁଜିଲ୍ୟାଣ୍ଡର ଅଲରାଉଣ୍ଡର ମିଚେଲ ସାଣ୍ଟନର। ସେ ଭାରତ ବିପକ୍ଷରେ ୭ିକେଟ ଦଖଲ କରି ନୂଆ। ରେକର୍ଡ କରିଛନ୍ତି ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ୫ଫର।

ଅର୍ଥାତ ସେ ପ୍ରଥମଥର ପାଇଁ ଟେଷ୍ଟ କ୍ରିକେଟରେ ୫ କିମ୍ବା ତା ଠାରୁ ଅଧିକ ୱିକେଟ ନେଇଛନ୍ତି ।ପୁଣେରେ ଖେଳା ଯାଉଥିବା ଦ୍ୱିତୀୟ ଟେଷ୍ଟରେ ସାଣ୍ଟନର ମାତ୍ର ୫୩ ରନ ଦେଇ ୭ ିକେଟ ନେଇଛନ୍ତି ।ାଙ୍କର ଏପରି ଘାତକ ବୋଲିଂ ଯୋଗୁ ଭାରତୀୟ ଟିମ ପ୍ରଥମ ଇନିଂସରେ ମାତ୍ର ୧୫୬ ରନ କରି ଅ ଲ ଅ । ଉ ଟ ହୋଇଯାଇଛି।ଏଥିସହ ମ୍ୟାଚକୁ ବଞ୍ଚାଇବା ପାଇଁ ଦଳ ସଂଘର୍ଷ କରୁଛି।

ମିଚେଲ ସାଣ୍ଟନର ପ୍ରଥମ ଇନିଂସେ ୭ ୱିକେଟ ନେଇଥିବାରୁ ଦ୍ୱିତୀୟ ଇନିଂସରେ ସେ ପୁଣି ଭାରତୀୟ ବ୍ୟାଟରଙ୍କୁ ଘାଇଲା କରିବାର ଆ।ଶଙ୍କା ରହିଛି।ତେବେ ପ୍ରଥମ ଇନିଂସରେ ୭ ୱିକେଟ ନେବା ପରେ ସାଣ୍ଟନର ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି।

ସେ ନ୍ୟୁଜିଲ୍ୟାଣ୍ଡର ପଞ୍ଚମ ସ୍ପିନର ଭାବେ ଭାରତ ମାଟିରେ ୫ କିମ୍ବା ତାଠାରୁ ଅଧିକ ୱିକେଟ ନେଇଛନ୍ତି। ଏଜାଜ ପଟେଲଙ୍କ ପରେ ସେ ଭାରତରେ ଦ୍ୱିତୀୟ ିକଓ୍ଟି ସ୍ପିନର ଭାବେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଏଜାଜ ପଟେଲ ୨୦୨୧ ମୁମ୍ବାଇ ଟେଷ୍ଟରେ ଐତିହାସିକ ୧୦ ୱିକେଟ ଦଖଲ କରିଥିଲେ। ଏବେ ଦ୍ୱିତୀୟ ସ୍ଥାନରେ ସାଣ୍ଟନର ୭ ୱିକେଟ ସହ ରହିଛନ୍ତି।

ସାଣ୍ଟନର ଓ ଏଜାଜ ପଟେଲଙ୍କ ବ୍ୟତୀତ ଭାରତ ମାଟିରେ ୫ କିମ୍ବା ତାଠାରୁ ଅଧିକ ୱିକେଟ ନେଇଥିବା ଅନ୍ୟ ବୋଲରମାନେ ହେଲେ ଜନ ବ୍ରେସଲେ, ଡାନିଏଲ ଭିଟୋରି ଓ ହେଡଲୀ ହୋୱାର୍ଥ ଭିଟୋରୀ। ୧୯୯୯ରେ କାନପୁର ଟେଷ୍ଟରେ ୬ଟି ୱିକେଟ ଓ ୨୦୧୦ ହାଇଦ୍ରାବାଦ ଟେଷ୍ଟରେ ୫ଟି ୱିକେଟ ନେଇଥିଲେ। ବ୍ରେସଓ୍ୱେଲ ୧୯୮୮ରେ ୱାଙ୍ଖେଡେରେ ୬ଟି ୱିକେଟ ନେଇଥିଲେ। ସେହିପରି ୧୯୬୯ରେ ହେଡଲୀ ନାଗପୁର ଟେଷ୍ଟରେ ୫ ସଫଳତା ହାସଲ କରିଥିଲେ।

ଜୈସ୍ୱାଲଙ୍କ କ୍ୟାଲେଣ୍ଡର ୧ ହଜାର ରନ୍

ଦୁବାଇ : ଟିମ ଇଣ୍ଡିଆ।ର ଓପନର ଯଶସ୍ୱୀ ଜୈସାଲ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ସେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବକନିଷ୍ଠ ଭାରତୀୟ ଖେଳାଳି ଭାବେ ଟେଷ୍ଟ କ୍ରିକେଟରେ ୧ ହଜାର ରନ ପୂରଣ କରିଛନ୍ତି ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଜୈସାଲ ଏପରି ରେକର୍ଡର ଅଧିକାରୀ ହୋଇଛନ୍ତି।

ପୂର୍ବରୁ ସର୍ବକନିଷ୍ଠ ଭାରତୀୟ ଭାବେ ଦିଲୀପ ଭେଙ୍ଗସରକାର ୨୩ ବର୍ଷ ବୟସରେ ଏପରି ରେକର୍ଡର ଅଧିକାରୀ ହୋଇଥିଲା। ୧୯୭୯ ମସିହାରେ ଏପରି ଘଟଣା ଘଟିଥିଲା ହେଲେ ଏହି ରେକର୍ଡକୁ ଯଶସ୍ୱୀ ୨୨ ବର୍ଷ ବୟସରେ ଭାଙ୍ଗି ଦେଇଛନ୍ତି।

ବର୍ତ୍ତମାନ ଯଶସ୍ୱୀ ୨୦୨୪ରେ ପୂରା ବିଶ୍ୱ ଟେଷ୍ଟ କ୍ରିକେଟରେ ଦ୍ୱିତୀୟ ସର୍ବାଧିକ ରନ ହାସଲକାରୀ କ୍ରିକେଟର ତାଙ୍କ ଉପରେ ଇଂଲଣ୍ଡର ଜୋ ରୁଟ ରହିଛନ୍ତି ।ରୁଟ ୧୪ଟି ମ୍ୟାଚ୍‌ରେ ୧୩୦୫ ରନ କରିଛନ୍ତି। ଯଶସ୍ୱୀ ୧୦ଟି ମ୍ୟାଚ୍‌ରେ ୫୯.୨୩ ହାରରେ ମୋଟ ୧୦୦୭ ରନ କରିଛନ୍ତି ।ଏଥିରେ ୨ଟି ଶତକ ଓ ୬ଟି ଅର୍ଦ୍ଧଶତକ ରହିଛି। ୨୦୨୪ରେ ଆ।ହୁରି ୩ଟି ଟେଷ୍ଟ ଥିବାରୁ ଯଶସ୍ୱୀ ଏକାଧିକ କିମ୍ବଦନ୍ତୀ କ୍ରିକେଟରଙ୍କ ରେକର୍ଡ ଭାଙ୍ଗିବାର ସମ୍ଭାବନା ରହିଛି।

ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସବୁଠାରୁ ଅଧିକ ରନ କରିବାର ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାଁରେ ରହିଛି। ସେ ୨୦୧୦ରେ ମୋଟ ୧୪ଟି ମ୍ୟାଚ୍ ଖେଳି ୧୫୬୨ ରନ କରିଥିଲେ। ସେହିପରି ବୀରେନ୍ଦ୍ର ସେହାଗ ୨୦୦୮ରେ ୧୪୬୨ ରନ ଓପନର ଭାବେ ଗୋଟିଏ ବର୍ଷରେ ସର୍ବାଧିକ ରନ ହାସଲ କରିଥିବା ରେକର୍ଡ ନିଜ ନାଁରେ ରଖିଛନ୍ତି।

ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟ କଥା ବିଚାରକୁ ନେଲେ, ଯଶସ୍ୱୀ ୩୦ ରନ କରି ପ୍ରଥମ ଇନିଂସରେ ଆ।ଉଟ ହୋଇଯାଇଛନ୍ତି। ଭାରତ ମଧ୍ୟ ୧୫୬ ରନରେ ଅଲଅ।ଉଟ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି।

ଚତୁର୍ଥ ଚନ୍ଦ୍ରଶେଖର କପ ଫୁଟବଲ

ଚମ୍ପୁଆ,୨୫।୧୦: ଚମ୍ପୁଆ ନେହେରୁଷ୍ଟାଡିୟମ ଠାରେ ଚତୁର୍ଥ ଚନ୍ଦ୍ରଶେଖର କପ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ମର୍ଣିଂ କ୍ଲବ ଚମ୍ପୁଆ ଦ୍ୱାରା ଅୟୋଜିତ ଏହିପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡା ଫିତାକାଟି ଏହାର ଶୁଭ ଉଦଘାଟନ ଘୋଷଣା କରିଥିଲେ। ସମ୍ମାନୀତ ଅତିଥିଭାବରେ ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ୩୨ ଗୋଟି ଦଳକୁନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟ ତଥା ରାଜ୍ୟ ବାହାର ଦଳ ଭାଗ ନେଇଥିବା ବେଳେ ପ୍ରତିଯୋଗିତା ପ୍ରାରମ୍ଭରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରାତନ ଖେଳାଳି କୁଂଜ ବିହାରୀ ଦାସ, ଲୋମ୍ବଧର ମହାନ୍ତଙ୍କୁ ଉତରିୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

ସ୍ପିନର୍ସଙ୍କୁ ଖେଳିପାରୁନାହାଁନ୍ତି କୋହଲି

ପୁଣେ,୨୫।୧୦: ନ୍ୟୁଜିଲାଣ୍ଡ ବିପକ୍ଷରେ ପୁଣେ ଟେଷ୍ଟର ପ୍ରଥମ ଇନିଂସରେ ବିରାଟ କୋହଲି କିଛି ବିଶେଷ କରିପାରି ନ ଥିଲେ। ସେ ମାତ୍ର ଏକ ରନ ସ୍କୋର କରି ଆ।ଉଟ ହୋଇଥିଲେ। ୧୫୬ ରନ ସ୍କୋରରେ ଟିମ ଇଣ୍ଡିଆ। ପ୍ରଥମ ଇନିଂସରେ ଅଲଅ।ଉଟ ହୋଇଥିଲା। ଏହି ଟେଷ୍ଟରେ କୋହଲି ସ୍ପିନ ବୋଲିଂ ବିରୋଧରେ ବହୁତ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା। ପୁଣେ ଟେଷ୍ଟର ପ୍ରଥମ ଇନିଂସରେ ଲୋ ଫୁଲ ଟସ ବଲ ନ ବୁଝିପାରି ଉଇକେଟ ହରାଇଥିଲେ।

କୋହଲି ଏସୀୟ ପିଚ୍‌ରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ୨୦୨୧ରେ ତାଙ୍କ ଟେଷ୍ଟ ରେକର୍ଡକୁ ଦେଖିଲେ, ସ୍ପିନ ବିପକ୍ଷରେ ତାଙ୍କ ରେକର୍ଡ ବହୁତ ଖରାପ ହୋଇଛି। କୋହଲି ୨୦୨୧ ପରଠାରୁ ଏସିଆ।ରେ ସ୍ପିନ ବିପକ୍ଷରେ ୨୧ ଥର ଆ।ଉଟ ହୋଇଛନ୍ତି। ଗତ କିଛି ବର୍ଷ ମଧ୍ୟରେ ସ୍ପିନ ବିପକ୍ଷରେ କୋହଲି ଏକ ନିରାଶାଜନକ ପ୍ରଦର୍ଶନ କରିଛନ୍ତି। ବେଙ୍ଗାଲୁରୁ ଟେଷ୍ଟରେ ମଧ୍ୟ କୋହଲି ସମାନ ଢଙ୍ଗରେ ଆ।ଉଟ ହୋଇଥିଲେ। ସେ ବେଙ୍ଗାଲୁରୁ ଟେଷ୍ଟରେ ୭୦ ରନ ସ୍କୋରରେ ବ୍ୟାଟିଂ କରୁଥିଲେ। କିନ୍ତୁ ତାପରେ ନ୍ୟୁଜିଲାଣ୍ଡର ସ୍ପିନର ଗ୍ଲେନ ଫିଲିପ୍ସ ତାଙ୍କ ଉଇକେଟ୍ ନେଇଥିଲେ।

କୋହଲିଙ୍କ ପାଇଁ ସବୁଠାରୁ ବଡ ସମସ୍ୟା ହେଉଛି। ସ୍ପିନ୍ ବୋଲର ମିଚେଲ ସାଣ୍ଟନରଙ୍କ ପରି ବୋଲରମାନେ ତାଙ୍କୁ ବହୁତ ଅସୁବିଧାରେ ପକାନ୍ତି କୋହଲି ୨୦୨୧ ପରଠାରୁ ସ୍ପିନରଙ୍କ ବିପକ୍ଷରେ ୨୬ଟି ଇନିଂସରେ ୨୧ ଥର ଆ।ଉଟ ହୋଇଛନ୍ତି। ଏହିଅବଧିମଧ୍ୟରେ, ସ୍ପିନରମାନେ ତାଙ୍କୁ ୧୦ଥର ଆଉଟ୍ କରିଛନ୍ତି। ତାଙ୍କ ବିପକ୍ଷରେ କୋହଲିଙ୍କ ହାରାହାରି ୨୭.୧୦ ରହିଛି।

ଷ୍ଟାଡିୟମ୍‌ରେ ପାଣି ପାଇଁ ହାହାକାର : ୨୦ ଦର୍ଶକ ଆହତ

ପୁଣେ,୨୫।୧୦: ପାଣି ବୋତଲ ପହଞ୍ଚିବାରେ ବିଳମ୍ବ କାରଣରୁ ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟରେ ଦର୍ଶକଙ୍କୁ ହଇରାଣ ହେବାକୁ ପଡିଛି। ଷ୍ଟାଡିୟମରେ ପାଣି ଅଭାବ ଯୋଗୁ ପରିସ୍ଥିତି ବିଗିଡି ଚାଲିଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ପାଣି ଅଭାବରୁ ପ୍ରାୟ ୨୦ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିଥିଲା। ମହାରାଷ୍ଟ୍ର କ୍ରିକେଟ ଆ।ସୋସିଏସନ ନିଜ ଭୁଲକୁ ସ୍ୱୀକାର କରିଛି ।ଏଥିସହ ମହାରାଷ୍ଟ୍ର କ୍ରିକେଟ ଆ।ସୋସିଏସନ ଟେଷ୍ଟର ଦ୍ୱିତୀୟ ଦିନରେ ପର୍ଯ୍ୟାପ୍ତ ପରିମାଣର ଜଳ ଯୋଗାଇ ଦିଆ।ଯିବ ବୋଲି ପ୍ରତିଶ୍ରୁତି ଦେଇଛି।

ପୁଣେର ଏମ୍‌ସିଏ ଷ୍ଟାଡିୟମରେ ମ୍ୟାଚ୍ ଖେଳାଯାଇଥିବା ବେଳେ ପାଣି ବୋତଲ ବିଳମ୍ବରେ ପହଞ୍ଚିଥିଲା। ସକାଳ ସେସନ୍ ପାଇଁ ପ୍ରାୟ ୧୮ ହଜାର ଦର୍ଶକ ଷ୍ଟାଡିୟମକୁ ଆ।ସିଥିଲେ। ଷ୍ଟାଡିୟମରେ ଛାତ ନ ଥିବା ବେଳେ ପ୍ରବଳ ଖରାରେ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରିକି କିଛି ଲୋକ ମହାରାଷ୍ଟ୍ର କ୍ରିକେଟ ଆ।ସୋସିଏଶନ ବିପକ୍ଷରେ ନାରା ମଧ୍ୟ ଲଗାଇଥିଲେ ପରବର୍ତ୍ତୀ ସମୟରେ କ୍ରିକେଟ ଆ।ସୋସିଏଶନ ସମ୍ପାଦକ କମଲେଶ ପିସାଲ ଦର୍ଶକଙ୍କୁ କ୍ଷମା ମାଗିଥିଲେ। ଚଳିତ ବର୍ଷ ଦର୍ଶକମାନଙ୍କୁ ଥଣ୍ଡା ପାଣି ପ୍ରଦାନ ପାଇଁ ନିଷ୍ପତ୍ତି ନିଆ।ଯାଇଥିଲା ଟ୍ରାଫିକ କାରଣରୁ ଟ୍ୟାଙ୍କର ପହଞ୍ଚି ପାରି ନ ଥିବା ବେଳେ ସମସ୍ତଙ୍କୁ ମାଗଣା ପାଣି ବୋତଲ ଦିଆ।ଯାଇଥିବା ପିସାଲ କହିଛନ୍ତି।

ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା

ନୂଆଦିଲ୍ଲୀ,୨୫।୧୦: ଦଅଷ୍ଟ୍ରେଲିଅ। ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆ।ଇ)। ସେହିପରି ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ୍ ସରିବା ପରେ ଭାରତ ଅଷ୍ଟ୍ରେଲିଅ। ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ। ନଭେମ୍ବର ୨୨ରୁ ଭାରତ-ଅଷ୍ଟ୍ରେଲିଅ। ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫି ଖେଳାଯିବ। ଟେଷ୍ଟ ସିରିଜରେ ନବାଗତ ଅଭିମନ୍ୟୁ ଇଶ୍ୱରନ୍, ହର୍ଷିତ ରାଣା ଓ ନିତିଶ କୁମାର ରେଡ୍ଡୀଙ୍କୁ ସୁଯୋଗ ମିଳିଛି। ତେବେ କୁଲଦୀପ ଯାଦବ ନିରାଶ ହୋଇଛନ୍ତି। ଭେଟେରାନ୍ ମହମ୍ମଦ ସାମିଙ୍କୁ ଦଳରେ ନିଆଯାଇନାହିଁ। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ଯଶପ୍ରୀତ ବୁର୍ମା

ଅଭିମନ୍ୟୁ, ନିତିଶ ଓ ହର୍ଷିତଙ୍କୁ ସୁଯୋଗ



(ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଅଭିମନ୍ୟ ଇଶ୍ୱରନ, ଶୁବମନ ଗିଲ, ବିରାଟ କୋହଲି, କେଏଲ ରାହୁଲ, ଋଷଭ ପନ୍ତ (କେଟ କିପର), ସର୍ଫରାଜ ଖାନ, ଧ୍ରୁବ ଜୁରେଲ (ୱିକେଟ କିପର), ଆ।ର. ଅଶ୍ୱିନ, ରବିନ୍ଦ୍ର ଜାଡ଼େଜା, ମହମ୍ମଦ ସିରାଜ, ଆ।କାଶ ଦୀପ, ପ୍ରସିଦ୍ଧ କ୍ରିଷ୍ଣା, ହର୍ଶିତ ରାଣା, ନୀତିଶ କୁମାର ରେଡ୍ଡୀ, ।ଶିଂଟନ ସୁନ୍ଦର ।ରିଜର୍ଭ ଖେଳାଳି: ମୁକେଶ କୁମାର, ନବଦୀପ ସାଇନି, ଖାଲିଲ ଅହମଦ ।

ସୂର୍ଯ୍ୟକୁମାର ଟି୨୦ ଅଧିନାୟକ

ଦକ୍ଷିଣ ଆ।ଫ୍ରିକା ବିପକ୍ଷ ଟି-୨୦ ସିରିଜ୍ ପାଇଁ ଦଳ ଘୋଷଣା କରିଛି ବିସିସିଆଇ। ଦକ୍ଷିଣ ଆ।ଫ୍ରିକା ବିପକ୍ଷରେ ଭାରତ ୪ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ। ନଭେମ୍ବର ୮ରୁ ଡର୍ବାନରେ ଏହି ସିରିଜ୍ ଆ।ରମ୍ଭ ହେବ।

ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍ ପାଇଁ ଭାରତୀୟ ଦଳ: ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ (ୱିକେଟକିପର), ରିଙ୍କୁ ସିଂହ, ତିଲକ ବର୍ମା, ଜିତେଶ ଶର୍ମା (ୱିକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ରମଣଦୀପ ସିଂହ, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଅର୍ଶଦୀପ ସିଂହ, ବିଜୟକୁମାର ଭ୍ୟାଶକ, ଆବେଶ ଖାନ, ୟଶ ଦୟାଲ।

ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପୋଷ୍ଟକୁ ନେଇ ବଢୁଛି ଚର୍ଚ୍ଚା

ନୂଆ।ଦିଲ୍ଲୀ,୨୫।୧୦: ଭାରତୀୟ ଦଳର ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବର୍ତ୍ତମାନ ବ୍ରେକ୍‌ରେ ଅଛନ୍ତି। କିନ୍ତୁ ଶୁକ୍ରବାର ସେ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ କରିଛନ୍ତି, ଯାହାକୁ ନେଇ ଚର୍ଚ୍ଚା ଆ।ରମ୍ଭ ହୋଇଛି। ଚଳିତ ବର୍ଷ ପାଣ୍ଡ୍ୟାଙ୍କ ପାଇଁ ଅତ୍ୟନ୍ତ ଖରାପ ଥିଲା। ଆ।ଇପିଏଲରେ ମୁମ୍ବାଇ ଇଣ୍ଡିଆ।ନ୍ସକୁ ଫେରିବା ଅତ୍ୟନ୍ତ ନିନ୍ଦନୀୟ ଏବଂ ସମାଲୋଚନାର ପରିପୂର୍ଣ୍ଣ ଥିଲାବେଳେ ତାଙ୍କ ବ୍ୟକ୍ତିଗତ ଜୀବନରେ ତାଙ୍କ ସ୍ତ୍ରୀ ନତାଶା ଷ୍ଟାନକୋଭିକ ତ